ଦାଦା ଭଗବାନ କଥିତ

# ଏଡ଼ଜଷ୍ଟ ଏଭ୍ରିହ୍ୱେୟାର



ସମସ୍ତଙ୍କ ସହିତ ଏଡ଼ଜଷ୍ଟ ହୋଇଯିବା, ତାହା ହିଁ ସବୁଠାରୁ ବଡ଼ ଧର୍ମ ଅଟେ ।

# ଦାଦା ଭଗବାନ କିଏ ?



ଅକ୍ରମ ମାର୍ଗର ପ୍ରଣେତା ଜ୍ଞାନୀପୁରୁଷ 'ଦାଦା ଭଗବାନ' (ଦାଦାଶ୍ରୀ)ଙ୍କର ମୂଳ ନାମ ଶ୍ରୀ ଅମ୍ବାଲାଲ୍ ମୁଳଜୀଭାଇ ପଟେଲ ଥିଲା । ସେ ଆନନ୍ଦ ଜିଲ୍ଲାର ଭାଦରଣ ଗାଁର ନିବାସୀ ଥିଲେ, ଏବଂ ପରେ ବ୍ୟବସାୟ ପାଇଁ ବରୋଦାରେ ରହିବାକୁ ଲାଗିଲେ । ପିଲାଦିନରୁ ହିଁ ତାଙ୍କୁ ଆଧ୍ୟାତ୍ମରେ କିଛି ବିଶେଷ ରୁଚି ଥିଲା । ୧୯୫୮ ମସିହା ଜୁନ୍ ମାସର ଏକ ସନ୍ଧ୍ୟାରେ ସୁରଟର ରେଲୱେ ଷ୍ଟେସନ୍‌ରେ କେବଳ ଗୋଟିଏ ଘଣ୍ଟାରେ ତାଙ୍କୁ ପ୍ରାକୃତିକ ରୂପରେ ବିଶ୍ୱଦର୍ଶନ ହେଲା ଏବଂ ଏ.ଏମ୍. ପଟେଲ୍‌ଙ୍କ ଭିତରେ 'ଦାଦା ଭଗବାନ' ସମ୍ପୂର୍ଣ୍ଣ ରୂପରେ ପ୍ରକଟ ହେଲେ ! ''ମୁଁ କିଏ ? ଜଗତ କିଏ ଚଳାଉଛି ? ଭଗବାନ କେଉଁଠି ଅଛନ୍ତି ? କର୍ମ କ'ଣ ? ମୁକ୍ତି କ'ଣ ?'' ଇତ୍ୟାଦି ସମସ୍ତ ପ୍ରଶ୍ନର ସମ୍ପୂର୍ଣ୍ଣ ରହସ୍ୟ ପ୍ରକଟ ହେଲା ! ତାଙ୍କୁ ଯେପରି ଆତ୍ମସାକ୍ଷାତ୍କାର ଅନୁଭବ ହେଲା, ସେପରି କେବଳ ଦୁଇ ଘଣ୍ଟାରେ ହିଁ ଅନ୍ୟ ମୁମୁକ୍ଷୁମାନଙ୍କୁ ମଧ୍ୟ ସେ ତାଙ୍କର ଅଦ୍ଭୁତ ଜ୍ଞାନ ପ୍ରୟୋଗ ଦ୍ୱାରା ପ୍ରାପ୍ତି କରାଉଥିଲେ ! ଏଥିପାଇଁ ତାହାକୁ ସେ 'ଅକ୍ରମ ମାର୍ଗ' କହିଲେ । ଅକ୍ରମ ଅର୍ଥାତ୍ କ୍ରମ ବିନା, ଲିଫ୍ଟ ମାର୍ଗ, ସର୍ଟ-କଟ୍ ! ୧୯୬୨ ରୁ ୧୯୮୮ ପର୍ଯ୍ୟନ୍ତ ଦାଦାଶ୍ରୀ ହଜାର ହଜାର ଲୋକଙ୍କୁ ଆତ୍ମଜ୍ଞାନ ଦେଇ ମୋକ୍ଷ ପଥରେ ଚଢ଼ାଇଥିଲେ ।

ଦାଦା ଭଗବାନ କଥିତ

# ଏଡ଼ଜଷ୍ଟ ଏଭ୍ରିହ୍ୱେୟାର

ସଂକଳନ : ଡା. ନୀରୁବହନ ଅମୀନ

**ପ୍ରକାଶକ : ଶ୍ରୀ ଅଜିତ୍ ସି. ପଟେଲ**
**ମହାବିଦେହ ଫାଉଣ୍ଡେସନ୍**
୫, ମମତା ପାର୍କ ସୋସାଇଟ, ନବଗୁଜରାଟ କଲେଜ ପଛ,
ଉସ୍ମାନପୁରା, ଅହମଦାବାଦ୍-୩୮୦୦୧୪, ଗୁଜୁରାଟ
ଫୋନ - (୦୭୯) ୨୭୫୪୦୪୦୮

© All Rights reserved - Dr. Niruben Amin
Trimandir, Simandhar City
Ahmedabad-Kalol Highway, Post- Adalaj,
Dist- Gandhinagar-382421, Gujarat, India

**ପ୍ରଥମ ସଂସ୍କରଣ : ବହି ସଂଖ୍ୟା ୧୦୦୦ ମଇ ୨୦୧୬**

**ଭାବ ମୂଲ୍ୟ :** 'ପରମ ବିନୟ' ଏବଂ
'ମୁଁ କିଛି ମଧ୍ୟ ଜାଣି ନାହିଁ', ଏହି ଭାବ !

**ଦ୍ରବ୍ୟ ମୂଲ୍ୟ :** ୧୦ ଟଙ୍କା

**ଲେଜର କମ୍ପୋଜିଙ୍ଗ :** ଦାଦା ଭଗବାନ ଫାଉଣ୍ଡେସନ୍, ଅହମଦାବାଦ୍

**ମୁଦ୍ରକ :** ମହାବିଦେହ ଫାଉଣ୍ଡେସନ୍
ପାର୍ଶ୍ୱନାଥ୍ ଚାମ୍ବର୍ସ, ନୁଆ ରିଜର୍ଭ ବ୍ୟାଙ୍କ ପାଖ,
ଇନ୍‌କମ୍‌ଟ୍ୟାକ୍ସ, ଅହମଦାବାଦ୍ - ୩୮୦୦୧୪
ଫୋନ : (୦୭୯) ୨୭୫୪୨୯୬୪

# ତ୍ରିମନ୍ତ୍ର





ନମୋ ଅରିହଂତାଣଂ
ନମୋ ସିଦ୍ଧାଣଂ
ନମୋ ଆୟରିୟାଣଂ
ନମୋ ଉବଜ୍ଝାୟାଣଂ
ନମୋ ଲୋଏ ସବ୍ୱସାହୁଣଂ
ଏସୋ ପଞ୍ଚ ନମୁକ୍କାରୋ,
ସବ୍ୱ ପାବପ୍ପଣାସଣୋ
ମଙ୍ଗଲାଣଂ ଚ ସବ୍ୱେସିଂ,
ପଢମଂ ହବଇ ମଙ୍ଗଲମ୍ ୧





ॐ ନମୋ ଭଗବତେ ବାସୁଦେବାୟ ୨
ॐ ନମଃ ଶିବାୟ ୩
।। ଜୟ ସଚ୍ଚିଦାନନ୍ଦ ।।



# ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ ଲିଙ୍କ୍

"ମୁଁ ତ କିଛି ଲୋକଙ୍କୁ ନିଜ ହାତରେ ସିଦ୍ଧି ପ୍ରଦାନ କରିବାକୁ ଯାଉଛି। ପଛରେ ଅନୁଗାମୀ ଦରକାର କି ନାହିଁ? ପରେ ଲୋକଙ୍କୁ ମାର୍ଗ ତ ଦରକାର ନା ?"

**- ଦାଦାଶ୍ରୀ**

ପରମ ପୂଜ୍ୟ ଦାଦାଶ୍ରୀ ଗାଁ'-ଗାଁ', ଦେଶ-ବିଦେଶ ପରିଭ୍ରମଣ କରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି କରାଉଥିଲେ। ସେ ନିଜର ଜୀବନ କାଳ ମଧ୍ୟରେ ପୂଜ୍ୟ ଡା. ନୀରୁବହନ ଅମୀନ (ନୀରୁମାଁ)ଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଇବା ପାଇଁ ଜ୍ଞାନସିଦ୍ଧି ପ୍ରଦାନ କରିଥିଲେ। ଦାଦାଶ୍ରୀଙ୍କ ଦେହ ବିଲୟ ପରେ ନୀରୁମା ସେହିପରି ମୁମୁକ୍ଷୁମାନଙ୍କୁ ସତ୍‌ସଙ୍ଗ ଏବଂ ଆତ୍ମଜ୍ଞାନର ପ୍ରାପ୍ତି, ନିମିତ୍ତ ଭାବରେ କରାଉଥିଲେ। ପୂଜ୍ୟ ଦୀପକଭାଇ ଦେଶାଇଙ୍କୁ ଦାଦାଶ୍ରୀ ସତ୍‌ସଙ୍ଗ କରିବା ପାଇଁ ସିଦ୍ଧି ପ୍ରଦାନ କରିଥିଲେ। ନୀରୁମାଁଙ୍କ ଉପସ୍ଥିତିରେ, ତାଙ୍କର ଆଶୀର୍ବାଦ ଦ୍ୱାରା ପୂଜ୍ୟ ଦୀପକଭାଇ ଦେଶ-ବିଦେଶରେ ଅନେକ ଜାଗାକୁ ଯାଇ ମୁମୁକ୍ଷୁମାନଙ୍କୁ ଆତ୍ମଜ୍ଞାନ ପ୍ରାପ୍ତି କରାଉଥିଲେ, ଯାହା ନୀରୁମାଙ୍କ ଦେହବିଲୟ ପରେ ଆଜି ମଧ୍ୟ ଚାଲୁ ରହିଛି। ଏହି ଆତ୍ମଜ୍ଞାନ ପ୍ରାପ୍ତି ପରେ ହଜାର ହଜାର ମୁମୁକ୍ଷୁ ସଂସାରରେ ରହି, ନିଜର ସାଂସାରିକ ଦାୟିତ୍ୱ ବହନ କରି ମଧ୍ୟ ମୁକ୍ତ ରହି ଆତ୍ମରମଣତାର ଅନୁଭବ କରୁଛନ୍ତି।

ଏହି ପୁସ୍ତକରେ ମୁଦ୍ରିତ ବାଣୀ ମୋକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ରୂପରେ ଅତ୍ୟନ୍ତ ଉପଯୋଗୀ ସିଦ୍ଧ ହେବ, ମାତ୍ର ମୋକ୍ଷପ୍ରାପ୍ତି ପାଇଁ ଆତ୍ମଜ୍ଞାନ ପ୍ରାପ୍ତ କରିବା ଆବଶ୍ୟକ ଅଟେ। ଅକ୍ରମ ମାର୍ଗ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତିର ମାର୍ଗ ଆଜି ମଧ୍ୟ ଖୋଲାଅଛି। ଯେପରି ପ୍ରଜ୍ୱଳିତ ଦୀପ ହିଁ ଅନ୍ୟ ଦୀପକୁ ପ୍ରଜ୍ୱଳିତ କରିପାରେ, ସେହିପରି ପ୍ରତ୍ୟକ୍ଷ ଆତ୍ମଜ୍ଞାନୀଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତି କରି ହିଁ ନିଜର ଆତ୍ମା ଜାଗୃତ ହୋଇପାରେ ।

## English Books of Akram Vignan of Dada Bhagwan

1. Adjust Everywhere
2. Avoid Clashes
3. The Fault is of the Sufferer
4. Whatever Happened is Justice
5. Who am I ?
6. Ahimsa : Non-Violence
7. Anger
8. Aptavani - 1
9. Aptavani - 2
10. Aptavani - 4
11. Aptavani - 5
12. Aptavani - 6
13. Aptavani - 8
14. Aptavani - 9
15. Autobiography of Gnani Purush A.M.Patel
16. Brahmacharya : Celibacy Attained with Understanding
17. Death : Before, During & After...
18. Flawless Vision
19. Generation Gap
20. Harmony in Marriage
21. Life without Conflict
22. Money
23. Noble Use of Money
24. Pratikraman: The master key that resolves all conflicts
25. Pure Love
26. Right Understanding to Help Others
27. Science of Karma
28. Science of Speech
29. Shree Simandhar Swami : The Living God
30. The Essence of All Religion
31. The Guru and The Disciple
32. Trimantra: The Mantra that removes all worldly obstacles
33. Worries
34. Self realisation

## Magazines in Every Month

- ✤ Dadavani (Hindi, English & Gujurati) for followers
- ✤ Akram Express (Hindi, English & Gujurati) for Kids
- ✤ Akram Youth (English) for youth.

### ଓଡ଼ିଆ ପୁସ୍ତକ

ଆତ୍ମସାକ୍ଷାତ୍କାର । ଏଡ଼ଜଷ୍ଟ ଏଭ୍ରିହ୍ୱେୟାର । ମୁଁ କିଏ ?

# ନିବେଦନ

ପ୍ରସ୍ତୁତ ଅନୁବାଦରେ ଏହା ବିଶେଷ ଧ୍ୟାନ ରଖାଯାଇଛି ଯେ, ପାଠକଙ୍କୁ ଦାଦାଶ୍ରୀଙ୍କ ବାଣୀ ଶୁଣାଯିବା ପରି ଅନୁଭବ ହେବ। ତାଙ୍କର ହିନ୍ଦୀଭାଷା ବିଷୟରେ ସେ କହୁଥିଲେ ଯେ 'ମୋର ହିନ୍ଦୀ ଅର୍ଥାତ୍ ଗୁଜରାଟୀ, ହିନ୍ଦୀ ଏବଂ ଇଂରାଜୀର ମିକ୍ସଚର (ମିଶ୍ରଣ) ଅଟେ, ମାତ୍ର ଯେତେବେଳେ 'ଟି'(ଚା) ତିଆରି ହେବ, ସେତେବେଳେ ବହୁତ ଭଲ ଲାଗିବ'।

ଜ୍ଞାନୀଙ୍କ ବାଣୀକୁ ଓଡ଼ିଆ ଭାଷାରେ ହିନ୍ଦୀ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ପୁସ୍ତକରୁ ଯଥାର୍ଥ ରୂପରେ ଅନୁବାଦ କରିବାର ପ୍ରଯତ୍ନ କରାଯାଇଛି ମାତ୍ର ଦାଦାଶ୍ରୀଙ୍କ ଆତ୍ମଜ୍ଞାନର ସଠିକ୍ ଅର୍ଥ, ଯେପରି କହିଛନ୍ତି ସେପରି ଭାବରେ ଆପଣଙ୍କୁ ଗୁଜୁରାଟୀ ଭାଷାରେ ଅବଗତ ହେବ। ଯେଉଁମାନଙ୍କୁ ଜ୍ଞାନର ଗଭୀରତା ମଧ୍ୟକୁ ଯିବାର ଅଛି, ଜ୍ଞାନର ପ୍ରକୃତ ମର୍ମ ବୁଝିବାର ଅଛି, ସେମାନେ ଏଥିପାଇଁ ଗୁଜୁରାଟୀ ଭାଷା ଶିଖନ୍ତୁ, ଏହା ଆମର ନମ୍ର ବିନତି।

ଅନୁବାଦଜନିତ ତ୍ରୁଟି ପାଇଁ ଆପଣଙ୍କ ପାଖରେ ଆମେ କ୍ଷମାପ୍ରାର୍ଥୀ ଅଟୁ।

❖❖❖

# ସମ୍ପାଦକୀୟ

ଜୀବନର ପ୍ରତିଟି କ୍ଷଣରେ ଆମେ ନିଜେହିଁ ବୁଦ୍ଧିମତାର ସହିତ ଯଦି ଅନ୍ୟଜଣକ ସହ ଏଡ଼ଜଷ୍ଟ ନ ହେବା ତେବେ ଭୟାନକ ମତଭେଦ ହେଉଥିବ । ଜୀବନ ବିଷମୟ ହୋଇଯିବ ଏବଂ ଶେଷରେ ଜଗତ ବଳପୂର୍ବକ ଆମ ଦ୍ୱାରା ଏଡ଼ଜଷ୍ଟମେଣ୍ଟ କରାଇନେବ । ଇଚ୍ଛାରେ ହେଉ ବା ଅନିଚ୍ଛାରେ, ଆମକୁ ସର୍ବତ୍ର ଏଡ଼ଜଷ୍ଟ ହେବାକୁ ହିଁ ପଡ଼ିବ । ତେଣୁ ବୁଝି ସୁଝି କାହିଁକି ନିଜେ ଏଡ଼ଜଷ୍ଟ ନ ହେବା, ଯାହା ଫଳରେ ବହୁତ ମତଭେଦ ହଟି ଯିବ ଏବଂ ସୁଖ-ଶାନ୍ତି ସ୍ଥାପିତ ହୋଇ ପାରିବ ।

ଲାଇଫ୍ ଇଜ୍ ନଥିଙ୍ଗ ବଟ୍ ଏଡ଼ଜଷ୍ଟମେଣ୍ଟ (ଜୀବନ ପରସ୍ପର ଏଡ଼ଜଷ୍ଟମେଣ୍ଟ ବିନା ଅନ୍ୟ କିଛି ନୁହେଁ!) ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏଡ଼ଜଷ୍ଟମେଣ୍ଟସ୍ ନେବାକୁ ପଡ଼ିବ । ତାହା କାନ୍ଦିକି ହେଉ ବା ହସିକି ହେଉ ! ପାଠ ପଢ଼ିବା ପସନ୍ଦ ହେଉ ବା ନ ହେଉ, ଏଡ଼ଜଷ୍ଟ ହୋଇ ପଢ଼ିବାକୁ ହିଁ ପଡ଼ିବ ! ବିବାହ ସମୟରେ ହୁଏତ ଖୁସି ଖୁସିରେ ବିବାହ କରିଥାଏ କିନ୍ତୁ ବିବାହ ପରେ ସାରା ଜୀବନ ପତି-ପତ୍ନୀଙ୍କୁ ପାରସ୍ପରିକ ଏଡ଼ଜଷ୍ଟମେଣ୍ଟସ୍ ନେବାକୁ ପଡ଼େ । ଦୁଇ ଭିନ୍ନ ପ୍ରକୃତିଙ୍କୁ ସାରା ଜୀବନ ସାଥୀରେ ରହି, ଯାହା ତାଙ୍କ ଭାଗରେ ପଡ଼ିଥାଏ ତାହାକୁ ନେଇ ଜୀବନ ନିର୍ବାହ କରିବାକୁ ପଡ଼େ । ସେଥିରେ ପରସ୍ପର ସହିତ ସାରା ଜୀବନ ସମ୍ପୂର୍ଣ ଏଡ଼ଜଷ୍ଟମେଣ୍ଟ ହୋଇ ରହି ପାରିବା ଭଳି କେତେ ଜଣ ପୂଣ୍ୟବନ୍ତ ବ୍ୟକ୍ତି ଥିବେ ଏହି ଯୁଗରେ ? ଆରେ, ରାମଚନ୍ଦ୍ର ଏବଂ ଜାନକୀଙ୍କ ମଧ୍ୟରେ ଅନେକ ବାର କ'ଣ ଡ଼ିସ୍ଏଡ଼ଜଷ୍ଟମେଣ୍ଟ ହୋଇ ନଥିଲା ? ସ୍ୱର୍ଣ୍ଣମୃଗ, ଅଗ୍ନି ପରୀକ୍ଷା ଏବଂ ସଗର୍ଭା ହୋଇ ମଧ୍ୟ ବନବାସ ? ସେମାନେ କେତେ କ'ଣ ଏଡ଼ଜଷ୍ଟମେଣ୍ଟ ନେଇ ନଥିବେ ?

ମାତା-ପିତା ଓ ସନ୍ତାନମାନଙ୍କ ସହିତ ପ୍ରତିପାଦରେ କ'ଣ ଏଡ଼ଜଷ୍ଟମେଣ୍ଟସ୍ କରିବାକୁ ପଡ଼ି ନଥାଏ ? ଯଦି ବୁଦ୍ଧିମତାର ସହ ଏଡ଼ଜଷ୍ଟ ହୋଇଯିବା ତେବେ ଶାନ୍ତି ରହିବ ଓ କର୍ମ ବନ୍ଧନ ହେବ ନାହିଁ । ନିଜ

ପରିବାରରେ, ମିତ୍ରମାନଙ୍କ ସହିତ, ଚାକିରୀରେ ଉଚ୍ଚ ଅଧିକାରୀଙ୍କ ସହିତ, ବ୍ୟବସାୟରେ ବ୍ୟାପାରୀ କିମ୍ବା ଦଲାଲ୍‌ଙ୍କ ସହିତ, ସେୟାର୍ ମାର୍କେଟର ଉତ୍‌ଥାନ-ପତନ ସମୟରେ,ଏପରି ସମସ୍ତ ସ୍ଥାନରେ ଯଦି ଆମେ ଏଡ଼ଜଷ୍ଟ ନ କରିପାରିବା ତେବେ ଅନେକ ଦୁଃଖକୁ ସାମ୍ନା କରିବାକୁ ପଡ଼ିବ ।

ଏଥିପାଇଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'ର 'ମାଷ୍ଟର କି'(ମୁଖ୍ୟ ଚାବି) ଧରି ଯେଉଁ ମନୁଷ୍ୟ ଜୀବନ ନିର୍ବାହ କରିବ, ତା' ଜୀବନର ସବୁ ତାଲା ଯେ ଖୋଲିଯିବ,ଏହା ନିଃସନ୍ଦେହ । ଜ୍ଞାନୀପୁରୁଷ ପରମ ପୂଜନୀୟ ଦାଦାଶ୍ରୀଙ୍କ ସ୍ୱର୍ଣ୍ଣିମ ସୂତ୍ର 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'କୁ ଜୀବନରେ ଆତ୍ମସାତ୍ କରି ପାରିଲେ ସଂସାର ସୁଖମୟ ହୋଇଯିବ !

**- ଡା. ନୀରୁବହନ ଅମୀନଙ୍କ ଜୟ ସଚ୍ଚିଦାନନ୍ଦ**

# ଏଡ଼ଜଷ୍ଟ ଏଭ୍ରିହ୍ୱେୟାର

## ଗୋଟିଏ ଶବ୍ଦକୁ ହଜମ କର

**ପ୍ରଶ୍ନକର୍ତ୍ତା :** ଏବେ ତ ଜୀବନରେ ଶାନ୍ତିର ସରଳ ମାର୍ଗ ଆବଶ୍ୟକ ।

**ଦାଦାଶ୍ରୀ :** ଗୋଟିଏ ଶବ୍ଦ ଜୀବନରେ ଆପଣେଇ ପାରିବ, ସଠିକ୍ ରୂପେ, ଏକ୍‌ଜାକ୍ଟ (ଯଥାର୍ଥ ଭାବେ) ?

**ପ୍ରଶ୍ନକର୍ତ୍ତା :** ଏକ୍‌ଜାକ୍ଟ, ହଁ ।

**ଦାଦାଶ୍ରୀ :** 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ଏତିକ ଶବ୍ଦକୁ ଯଦି ତୁମେ ଜୀବନରେ ଆପଣେଇନେବ ତେବେ ବହୁତ ହୋଇଗଲା। ଆପଣଙ୍କୁ ଶାନ୍ତି ଆପେ ଆପେ ପ୍ରାପ୍ତ ହେବ । ଆରମ୍ଭରୁ ଛଅ ମାସ ପର୍ଯ୍ୟନ୍ତ ଅସୁବିଧା ହେବ, ପରେ ଆପେ ଆପେ ଶାନ୍ତି ପ୍ରାପ୍ତ ହେବ। ପ୍ରଥମ ଛଅ ମାସ ପର୍ଯ୍ୟନ୍ତ ବିଳମ୍ବରେ ଆରମ୍ଭ କରି ଥିବାରୁ ପୂର୍ବ ରିଆକ୍‌ସନ୍ (ପ୍ରତିକ୍ରିୟା) ଆସିବ। ସେଥିପାଇଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ! ଏହି କଳି ଯୁଗର ଏପରି ଭୟଙ୍କର କାଳରେ ଯଦି ଏଡ଼ଜଷ୍ଟ ନ ହେବ, ତେବେ ବିନାଶ ହୋଇଯିବ !

ସଂସାରରେ ଆଉ କିଛି ନଆସିଲେ ମଧ୍ୟ ଚଳିବ କିନ୍ତୁ ଏଡ଼ଜଷ୍ଟ ହେବାକୁ ଆସୁଥିବା ଦରକାର। ସମ୍ମୁଖ ବ୍ୟକ୍ତି 'ଡ଼ିସ୍-ଏଡ଼ଜଷ୍ଟ' ହେଉ ପଛେ, ତୁମେ ଯଦି ଏଡ଼ଜଷ୍ଟ ହୋଇପାରୁଥିବ ତେବେ ସଂସାର-ସାଗର ପାରି ହୋଇଯିବ। ଯିଏ ଅନ୍ୟମାନଙ୍କ ସହ ଖାପଖୁଆଇ ରହିପାରୁଥିବ, ତା'ର କୌଣସି ଦୁଃଖ ରହିବ ନାହିଁ।

'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'! ପ୍ରତ୍ୟେକଙ୍କ ସହିତ ଏଡ଼ଜଷ୍ଟମେଣ୍ଟ ହୋଇଯିବା ହିଁ ସବୁଠାରୁ ବଡ଼ ଧର୍ମ। ଏହି କାଳରେ ତ ସମସ୍ତଙ୍କର ଭିନ୍ନ ଭିନ୍ନ ପ୍ରକୃତି, ଏଣୁ ଏଡ଼ଜଷ୍ଟ ନହେଲେ ଚଳିବ କିପରି ?

## ବିବାଦ କର ନାହିଁ, ଏଡ଼ଜଷ୍ଟ ହୋଇଯାଅ

ସଂସାରର ଅର୍ଥ ହିଁ ସମସରଣ (ନିରନ୍ତର ପରିବର୍ତ୍ତନଶୀଳ) ମାର୍ଗ, ସେଥିପାଇଁ ନିରନ୍ତର ପରିବର୍ତ୍ତନ ହୋଇଚାଲିଛି । କିନ୍ତୁ ବୟସ୍କ ବ୍ୟକ୍ତିମାନେ ପୁରୁଣା କାଳକୁ ଜାବୁଡ଼ି ଧରି ଥାଆନ୍ତି । ଆରେ, ସମୟ ସହିତ ଚାଲ, ଅନ୍ୟଥା ପ୍ରତିଘାତ ଖାଇ ଟଳି ପଡ଼ିବ ! ସମୟ ଅନୁସାରେ ଏଡ଼ଜଷ୍ଟମେଣ୍ଟ ନେବାକୁ ପଡ଼ିବ । ମୋର ତ ଚୋରଙ୍କ ସହିତ, ପକେଟମୋରଙ୍କ ସହିତ, ସମସ୍ତଙ୍କ ସହିତ ଏଡ଼ଜଷ୍ଟମେଣ୍ଟ ହୋଇଯାଏ । ଯଦି ମୁଁ ଚୋର ସହିତ କଥା ହୁଏ ତେବେ ସେ ମଧ୍ୟ ଜାଣିଯାଏ ଯେ ଇଏ କରୁଣାମୟ ଅଟନ୍ତି। ମୁଁ ତା'କୁ 'ତୋର ଭୂଲ୍' ଏପରି କୁହେ ନାହିଁ । କାରଣ ଏହା ତା'ର 'ଭିୟୁ ପଏଣ୍ଟ' (ଦୃଷ୍ଟିକୋଣ) ଅଟେ। ଯେବେ କି ଲୋକେ ତାକୁ 'ଅଯୋଗ୍ୟ' କହି ଗାଳି ଦିଅନ୍ତି । କ'ଣ ଏହି ଓକିଲମାନେ ମିଛୁଆ ନୁହନ୍ତି ? 'ବିଲ୍‌କୁଲ ମିଛ କେସ୍ ଜିତାଇ ଦେବି' ଯିଏ ଏଭଳି କୁହନ୍ତି କ'ଣ ସେମାନଙ୍କୁ ଠକ କୁହାଯିବ ନାହିଁ ? ଚୋରକୁ 'ଅଧମ' କହିବା ଆଉ ବିଲକୁଲ ମିଛ କେସ୍‌କୁ 'ସତ୍ୟ' କହୁଥିବା ଲୋକକୁ ସଂସାରରେ କିପରି ବିଶ୍ୱାସ କରିହେବ ? ତଥାପି, ତାଙ୍କର ଆଧିପତ୍ୟ ଚାଲୁଛି ନା ? କାହାରିକୁ ମୁଁ ମିଥ୍ୟାବାଦୀ କହୁ ନାହିଁ । ତାଙ୍କ 'ଭିୟୁ ପଏଣ୍ଟ' (ଦୃଷ୍ଟିକୋଣ)ରେ ସେ କରେକ୍ଟ (ଠିକ୍) ଅଟନ୍ତି । କିନ୍ତୁ ତାକୁ ଠିକ୍ କଥା ବୁଝାନ୍ତୁ ଯେ ତୁ ଯେଉଁ ଚୋରୀ କରୁଛୁ, ତାର ଫଳ ତୋତେ କ'ଣ ମିଳିବ !

ଏହି ବୟସ୍କ ଲୋକମାନେ ଘରେ ପସୁ-ପସୁ କୁହନ୍ତି, 'ଏ ଲୁହାର ଆଲମାରୀ ? ଇଏ ରେଡ଼ିଓ ? ଏହା ଏପରି କାହିଁକି ? ସେପରି କାହିଁକି ? ଏପରି ବିବାଦ କରନ୍ତି। ଆରେ, କୌଣସି ଯୁବକ ସାଙ୍ଗରେ ବନ୍ଧୁତା କର । ଏହି ଯୁଗ ତ ବଦଳି ଚାଲିଥିବ। ଏସବୁ ବିନା ଏମାନେ ବଞ୍ଚିବେ କିପରି ? କିଛି ନୂଆ ଦେଖିଲେ ମୋହ ଜାଗି ଉଠିବ । ନୂତନତ୍ୱ ଆସିବ ନାହିଁ ତ ବଞ୍ଚିବ କିପରି ? ଏପରି ନୂତନତ୍ୱ ତ ଅନେକ ବାର ଆସିଛି ଏବଂ ଯାଇଛି, ସେଥିରେ ଆପଣଙ୍କୁ ହସ୍ତକ୍ଷେପ କରିବାର

ଆବଶ୍ୟକତା ନାହିଁ । ତୁମକୁ ଅନୁକୂଳ ନ ହେଲେ ତୁମେ କର ନାହିଁ। ଏହି ଆଇସ୍‌କ୍ରିମ୍ ତୁମକୁ ତା' ନିଜଠାରୁ ଦୂରରେ ରହିବାକୁ କୁହେ ନାହିଁ। ତୁମକୁ ଯଦି ଖାଇବାର ନାହିଁ ତେବେ ଖାଅ ନାହିଁ। କିନ୍ତୁ ବୟସ୍କ ଲୋକମାନେ ସର୍ବଦା ତା'ଉପରେ ବିରକ୍ତ ହୁଅନ୍ତି। ଏହି ମତଭେଦ ତ ଯୁଗ ପରିବର୍ତ୍ତନ ପାଇଁ ହେଉଛି। ଏହି ପିଲାମାନେ ତ ସମୟାନୁସାରେ ଚାଲିବେ। ମୋହ, ଅର୍ଥାତ୍ ନୂଆ ନୂଆ ଉତ୍ପନ୍ନ ହୁଏ ଏବଂ ନୂଆ ନୂଆ ହିଁ ଦେଖାଯାଏ । ମୁଁ ପିଲାଦିନରୁ ବୁଦ୍ଧି ଦ୍ୱାରା ବହୁତ ଭାବି ନେଇଥିଲି କି ସଂସାରରେ ଓଲଟା ହେଉଛି ନା ସିଧା ହେଉଛି ଏବଂ ଏହା ମଧ୍ୟ ବୁଝି ଯାଇଥିଲି ଯେ, ଏହି ସଂସାରକୁ ପରିବର୍ତ୍ତନ କରିବାର କ୍ଷମତା କାହାରି ନାହିଁ । ତଥାପି ମୁଁ କହୁଛି ଯେ ସମୟ ଅନୁସାରେ ଏଡ଼ଜଷ୍ଟ ହୋଇଯାଅ । ଯଦି ତୁମ ପୁଅ ନୂଆ ଟୋପିଟିଏ ପିନ୍ଧି ଆସିଥାଏ, ତେବେ ଏମିତି କୁହନାହିଁ ଯେ 'ଏପରି ଟୋପି କେଉଁଠୁ ଆଣିଲୁ ?' ବରଂ ଏଡ଼ଜଷ୍ଟ ହୋଇଯାଇ କୁହ ଯେ 'ଏତେ ଭଲ ଟୋପି କେଉଁଠୁ ଆଣିଲୁ ? କେତେ ଟଙ୍କା ଦେଇ ଆଣିଲୁ ? ବହୁତ ଶସ୍ତାରେ ପାଇଛୁ ?' ଏହିପରି ଏଡ଼ଜଷ୍ଟ ହୋଇଯାଅ।

ଆମର ଧର୍ମ କ'ଣ କୁହେ କି ଅସୁବିଧାରେ ସୁବିଧା ଦେଖ। ରାତିରେ ମୋ ମନରେ ବିଚାର ଆସିଲା କି, 'ଏହି ଚାଦରଟି ମଇଳା ହୋଇଯାଇଛି'। କିନ୍ତୁ ଏଡ଼ଜଷ୍ଟମେଣ୍ଟ ହୋଇଯିବାରୁ ଏତେ ନରମ ଅନୁଭବ ହେଲା ଯେ, ଆଉ ସେ କଥା ପଚାର ନାହିଁ। ପଞ୍ଚେନ୍ଦ୍ରିୟ ଜ୍ଞାନ ଅସୁବିଧା ଦେଖାଏ ଏବଂ ଆତ୍ମଜ୍ଞାନ ସୁବିଧା ଦେଖାଏ। ଏଣୁ ଆତ୍ମାରେ ରୁହ।

## ଦୁର୍ଗନ୍ଧ ସହିତ ଏଡ଼ଜଷ୍ଟମେଣ୍ଟ

ବାନ୍ଦ୍ରା (ମହାରାଷ୍ଟ୍ରର ଏକ ସହର)ର ନର୍ଦ୍ଦମାରୁ ଯଦି ଦୁର୍ଗନ୍ଧ ଆସେ, ତେବେ କ'ଣ ତା ସହିତ ଲଢ଼ିବାକୁ ଯିବା ? ସେହିପରି ଏହି ମନୁଷ୍ୟମାନେ ମଧ୍ୟ ଦୁର୍ଗନ୍ଧ ବିତରଣ କରନ୍ତି, ତେବେ କ'ଣ ସେମାନଙ୍କୁ ଆମେ କିଛି କହିବାକୁ ଯିବା ? ଯେଉଁଠୁ ଦୁର୍ଗନ୍ଧ ଆସେ ତାହାକୁ ନର୍ଦ୍ଦମା କୁହାଯାଏ ଏବଂ ଯେଉଁଠୁ ସୁଗନ୍ଧ ଆସେ ସେ ସ୍ଥାନକୁ ବଗିଚା କୁହାଯାଏ। ଯିଏ ଯିଏ ଦୁର୍ଗନ୍ଧ ଦିଅନ୍ତି, ସେମାନେ ସମସ୍ତେ କୁହନ୍ତି କି 'ଆପଣ ଆମ ପ୍ରତି ବୀତରାଗ ରୁହନ୍ତୁ!'

ଅନ୍ୟକୁ ଭଲ-ମନ୍ଦ କହିବାରୁ ସେମାନେ ଆମକୁ କଷ୍ଟ ଦିଅନ୍ତି । ଆମକୁ ତ ଦୁହିଁଙ୍କୁ ସମାନ କରିଦେବାକୁ ପଡ଼ିବ । ଜଣକୁ 'ଭଲ' କହିବା ଅର୍ଥାତ୍ ଅନ୍ୟ ଜଣକ 'ଖରାପ' ହେଲା । ଏଣୁ ସିଏ ଆମକୁ କଷ୍ଟ ଦିଏ । କିନ୍ତୁ ଦୁହିଁଙ୍କୁ 'ମିକ୍ସଚର' (ସମଦୃଷ୍ଟି) କରି ଦେଲେ ଆଉ କିଛି ପ୍ରଭାବ ପଡିବ୍ ନାହିଁ । ତେଣୁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'କୁ ମୁଁ ଖୋଜି ବାହାର କରିଛି । କେହି ସତ କହୁ ବା ମିଛ କହୁ ତା' ସହିତ 'ଏଡ଼ଜଷ୍ଟ' ହୋଇଯାଅ । ଯଦି ମୋତେ କେହି କୁହେ ଯେ 'ତୁମର ବୁଦ୍ଧି ନାହିଁ' । ତେବେ ମୁଁ ତୁରନ୍ତ ତା' ସହିତ ଏଡ଼ଜଷ୍ଟ ହୋଇଯିବି ଏବଂ କହିବି ଯେ 'ତାହା ତ ପ୍ରଥମରୁ ନଥିଲା । ଆଜି ତୁ ଖୋଜିଲେ କେଉଁଠୁ ପାଇବୁ ? ତତେ ତ ଆଜି ଜଣା ପଡ଼ିଲା, ମାତ୍ର ମୁଁ ତ ପିଲା ଦିନରୁ ହିଁ ଜାଣିଛି ।' ଯଦି ଏପରି କହିବା ତେବେ ସମସ୍ୟାର ସମାଧାନ ହୋଇଯିବ ନା ? ଆଉ ସିଏ ଆମଠାରେ ବୁଦ୍ଧି ଖୋଜିବାକୁ ଆସିବ ନାହିଁ । ଯଦି ଏହା ନ କରିବା ତେବେ 'ନିଜ ଘରେ' (ମୋକ୍ଷରେ) କେବେ ପହଞ୍ଚିବା ?

## ପତ୍ନୀ ସହ ଏଡ଼ଜଷ୍ଟମେଣ୍ଟ

**ପ୍ରଶ୍ନକର୍ତ୍ତା :** ଏଡ଼ଜଷ୍ଟ କିପରି ହେବା ଉଚିତ, ଟିକିଏ ବୁଝାଇ କୁହନ୍ତୁ ।

**ଦାଦାଶ୍ରୀ :** ଯଦି ତୁମର କୌଣସି କାରଣବଶତଃ ବିଳମ୍ୱ ହୋଇଯାଏ, ଆଉ ପତ୍ନୀ କିଛି ୟାଡ୍ତୁ ସ୍ୟାଡ୍ତୁ କହିବାକୁ ଲାଗେ, 'ଏତେ ଡ଼େରିରେ ଆସୁଛ ? ଏପରି ଚଳିବ ନାହିଁ ?' ଏବଂ ତା'ର ମୁଣ୍ଡ ଖରାପ ହୋଇଯାଏ । ତେବେ ତୁମେ କୁହ ଯେ 'ହଁ ତୋ କଥା ସତ, ତୁ ଯଦି କହିବୁ ଫେରିଯିବି, ଆଉ ଯଦି କହିବୁ ଭିତରେ ଆସି ବସିବି ।' ଏହା ଶୁଣି ସିଏ କହେ, 'ନା, ଫେରିଯାଅ ନାହିଁ । ଏଇଠି ଚୁପ୍ ଚାପ୍ ଶୋଇପଡ଼' । କିନ୍ତୁ ପୁଣି ପଚାର, 'ତୁ କହିଲେ ଖାଇବି, ନଚେତ୍ ଶୋଇପଡ଼ିବି ।' ଏହା ଶୁଣି ସିଏ କହେ 'ନା, ଖାଇନିଅ' । ତେବେ ତୁମକୁ ତା'କଥା ମାନି ଖାଇ ନେବା ଉଚିତ୍ । ଅର୍ଥାତ୍ ଏଡ଼ଜଷ୍ଟ ହୋଇଗଲ । ପୁଣି ସକାଳେ ଫାଷ୍ଟକ୍ଲାସ୍ ଚା ଦେବ ଆଉ ଯଦି ଧମକ ଦେବ ତେବେ ସେ ସକାଳେ ମୁହଁ ଫୁଲାଇ ଚା'ଦେବ ଆଉ ଏହିପରି ତିନି ଦିନ ପର୍ଯ୍ୟନ୍ତ ଚାଲିବ ।

## ଖାଅ ଖେଚିଡ଼ି ନା ହୋଟେଲର ପିଜ୍ଜା ?

ଏଡ଼ଜଷ୍ଟ ହୋଇ ନ ପାରିଲେ କ'ଣ କରନ୍ତି ? ଲୋକେ ୱାଇଫ୍ ସହିତ ଝଗଡ଼ା କରନ୍ତି ନା ?

**ପ୍ରଶ୍ନକର୍ତ୍ତା :** ହଁ ।

**ଦାଦାଶ୍ରୀ :** ଏମିତି ? ! କ'ଣ ଭାଗବାଣ୍ଟ ହେବା ପାଇଁ ? ୱାଇଫ୍ ସହିତ କ'ଣ ଭାଗ ବାଣ୍ଟ କରିବ ? ସମ୍ପତ୍ତି ତ ତୁମ ଦୁଇ ଜଣଙ୍କର ।

**ପ୍ରଶ୍ନକର୍ତ୍ତା :** ଯଦି ସ୍ୱାମୀଙ୍କୁ ଗୁଲାବଜାମୁନ୍ ଖାଇବାର ଇଚ୍ଛା ଥାଏ କିନ୍ତୁ ପତ୍ନୀ ଖେଚିଡ଼ି ବନାଏ, ତେବେ ଝଗଡ଼ା ହୁଏ ।

**ଦାଦାଶ୍ରୀ :** ତେବେ ଝଗଡ଼ା କରିବା ପରେ କ'ଣ ସେ ଗୁଲାବଜାମୁନ୍ ବନାଇବ ? ନାଁ । ପରେ ମଧ୍ୟ ପୁଣି ସେହି ଖେଚିଡ଼ି ହିଁ ଖାଇବାକୁ ପଡ଼ିବ !

**ପ୍ରଶ୍ନକର୍ତ୍ତା :** ପୁଣି ହୋଟେଲରୁ ପିଜ୍ଜା ମଗାଇବାକୁ ପଡ଼େ ।

**ଦାଦାଶ୍ରୀ :** ଏମିତି ? ! ଅର୍ଥାତ୍ ଏହା ବି ଗଲା, ତାହା ମଧ୍ୟ ଗଲା । ପିଜ୍ଜା ଆସିଯାଏ, ନୁହେଁ କି ? ! କିନ୍ତୁ ଗୁଲାବଜାମୁନ୍ ତ ଗଲା ନା ? ଏହା ବଦଳରେ ତୁମେ ଯଦି ୱାଇଫ୍‌କୁ କହିଥାନ୍ତ, 'ତୁମକୁ ଯାହା ଭଲ ଲାଗୁଛି ତାହା ହିଁ ତିଆରି କର ।' ତାଙ୍କୁ ମଧ୍ୟ ଦିନେ ନା ଦିନେ ତୁମ ପସନ୍ଦର ଖାଦ୍ୟ ଖୁଆଇବାର ଭାବନା ହେବ ନା ! ସେ ଖାଇବ ନାହିଁ କି ? ତେବେ ତୁମେ କୁହ 'ତୁମକୁ ଯାହା ଠିକ ଲାଗୁଛି ତାହା ବନାଅ'। ସେତେବେଳେ ସେ କହିବ 'ନା, ତୁମକୁ ଯାହା ଭଲ ଲାଗୁଛି ତାହା ବନାଇବି ।' ସେତେବେଳେ ତୁମେ କହିବ 'ଗୁଲାବଜାମୁନ୍ ବନାଅ' । କିନ୍ତୁ ଯଦି ତୁମେ ପ୍ରଥମରୁ ଗୁଲାବଜାମୁନ୍ ବନାଇବାକୁ କୁହ ତେବେ ସେ କହିବ, 'ନାଁ, ମୁଁ ତ ଖେଚିଡ଼ି ହିଁ ବନାଇବି' ।

**ପ୍ରଶ୍ନକର୍ତ୍ତା :** ଏପରି ମତଭେଦ ବନ୍ଦ କରିବା ପାଇଁ ଆପଣ କେଉଁ ରାସ୍ତା ଦେଖାନ୍ତି ?

**ଦାଦାଶ୍ରୀ :** ମୁଁ ତ ଏହି ରାସ୍ତା ଦେଖାଏ ଯେ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'। ସେ ଯଦି କୁହେ ଯେ, 'ଖେଚିଡ଼ି ବନାଇବାର ଅଛି' ତେବେ ତୁମେ 'ଏଡ଼ଜଷ୍ଟ'

ହୋଇଯାଅ। ଏବଂ ଯଦି ତୁମେ କୁହ ଯେ 'ମୋତେ ବାହାରକୁ ଯିବାର ଅଛି, ସତ୍‌ସଙ୍ଗ ଯିବାର ଅଛି', ତେବେ ତା'କୁ (ପତ୍ନୀକୁ) 'ଏଡ଼ଜଷ୍ଟ' ହୋଇଯିବା ଦରକାର। ଯିଏ ପ୍ରଥମେ କହେ, ତା' ସହିତ ଏଡ଼ଜଷ୍ଟ ହୋଇଯାଅ ।

**ପ୍ରଶ୍ନକର୍ତ୍ତା :** ତେବେ ତ ପ୍ରଥମେ କହିବା ପାଇଁ ଝଗଡ଼ା ହେବ ।

**ଦାଦାଶ୍ରୀ :** ହଁ, ଏମିତି କର । ଏମିତି କର କିନ୍ତୁ ତା' ସହିତ ଏଡ଼ଜଷ୍ଟ ହୋଇଯାଅ । କାରଣ ତୁମ ହାତରେ ସତ୍ତା ନାହିଁ । ଏହି ସତ୍ତା କାହା ହାତରେ ଅଛି, ତାହା ମୁଁ ଜାଣିଛି । ଏଣୁ ଏଭଳି 'ଏଡ଼ଜଷ୍ଟ' ହେବାରେ ତୁମକୁ କିଛି ଅସୁବିଧା ଅଛି କି ଭାଇ ?

**ପ୍ରଶ୍ନକର୍ତ୍ତା :** ନାଁ, ଆଦୌ ନାହିଁ।

**ଦାଦାଶ୍ରୀ :** ଭଉଣୀ, ତୁମର କିଛି ଅସୁବିଧା ଅଛି କି ?

**ପ୍ରଶ୍ନକର୍ତ୍ତା :** ନାଁ।

**ଦାଦାଶ୍ରୀ :** ତେବେ ତାହାର ନିକାଲ(ସମାଧାନ) କରି ଦିଅନା ? 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'! ଏଥିରେ କୌଣସି ଅସୁବିଧା ଅଛି କି ?

**ପ୍ରଶ୍ନକର୍ତ୍ତା :** ନାଁ, ଆଦୌ ନୁହେଁ।

**ଦାଦାଶ୍ରୀ :** ଯଦି ସେ ପ୍ରଥମେ କହେ ଯେ, ଆଜି ପିଆଜି, ଲଡୁ, ତରକାରୀ ସବୁ ବନାଅ, ତେବେ ତୁମେ ଏଡ଼ଜଷ୍ଟ ହୋଇଯାଅ ଏବଂ ତୁମେ ଯଦି କୁହ ଆଜି ଶୀଘ୍ର ଶୋଇବାର ଅଛି ତେବେ ତାଙ୍କୁ ଏଡ଼ଜଷ୍ଟ ହୋଇଯିବା ଉଚିତ୍ । ତୁମକୁ (ପତିଙ୍କୁ) କୌଣସି ସାଙ୍ଗ ନିକଟକୁ ଯିବାର ଥିଲେ ମଧ୍ୟ ତାକୁ ବାତିଲ୍ କରି ଶୀଘ୍ର ଶୋଇପଡ଼ । କାରଣ ସାଙ୍ଗ ସହିତ ମତଭେଦ ହେଲେ ଦେଖାଯିବ, କିନ୍ତୁ ଏଠି ଘରେ ମତଭେଦ ହେବାକୁ ଦିଅନାହିଁ । ସାଙ୍ଗଙ୍କ ସହିତ ସମ୍ବନ୍ଧ ଭଲ ରଖିବାକୁ ଯାଇ ଘରେ ଅଶାନ୍ତି ସୃଷ୍ଟି କରନ୍ତି, ଏଭଳି ନହେବା ଉଚିତ୍ । ଅର୍ଥାତ୍ ସେ ପ୍ରଥମେ କହିଲେ ତୁମକୁ ଏଡ଼ଜଷ୍ଟ ହୋଇଯିବା ଉଚିତ୍ ।

**ପ୍ରଶ୍ନକର୍ତ୍ତା :** ଯଦି ତାଙ୍କୁ ଆଠଟାରେ କୌଣସି ମିଟିଙ୍ଗ୍‌କୁ ଯିବାର ଅଛି ଆଉ ପତ୍ନୀ କହନ୍ତି ଯେ, 'ଏବେ ଶୋଇ ପଡ଼' । ସେତେବେଳେ ସେ କ'ଣ କରିବେ ?

**ଦାଦାଶ୍ରୀ :** ଏପରି କଳ୍ପନା କର ନାହିଁ । ପ୍ରକୃତିର ନିୟମ ଏପରି ଯେ 'ହ୍ୱେୟାର୍ ଦେୟାର୍ ଇଜ୍ ଏ ୱିଲ୍, ଦେୟାର୍ ଇଜ୍ ଏ ୱେ' (ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ) ! କଳ୍ପନା କଲେ ବିଗିଡ଼ି ଯିବ । ସେହି ଦିନ ସେ ହିଁ କହିବେ ଯେ 'ତୁମେ ଜଲ୍‌ଦି ଯାଅ, ଜଲ୍‌ଦି ଯାଅ' ନିଜେ ଗେରେଜ୍ ପର୍ଯ୍ୟନ୍ତ ଛାଡ଼ିବାକୁ ଆସିବେ, କଳ୍ପନା କଲେ ସବୁ ବିଗିଡ଼ି ଯାଏ । ସେଥିପାଇଁ ଗୋଟିଏ ବହିରେ ଲେଖା ହୋଇଛି 'ହ୍ୱେୟାର୍ ଦେୟାର୍ ଇଜ୍ ଏ ୱିଲ୍, ଦେୟାର୍ ଇଜ୍ ଏ ୱେ'। ପାଳନ କରିବ ତ ବହୁତ ହୋଇଗଲା । ପାଳନ କରିବ ତ ?

**ପ୍ରଶ୍ନକର୍ତ୍ତା :** ହଁ, ଆଜ୍ଞା।

**ଦାଦାଶ୍ରୀ :** ପ୍ରୋମିସ୍ (ଶପଥ) କର। ଆରେ ବାଃ! ଏହାକୁ କୁହନ୍ତି ଶୁରବୀର! ପ୍ରୋମିସ୍ କଲା !

## ଭୋଜନରେ ଏଡ଼ଜଷ୍ଟମେଣ୍ଟ

ଆଦର୍ଶ ବ୍ୟବହାର କାହାକୁ କୁହାଯିବ, ଯିଏ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ହେଲା! ଏବେ ଡେଭଲପ୍‌ମେଣ୍ଟ (ଉନ୍ନତି)ର ସମୟ ଆସିଛି। ମତଭେଦ ହେବାକୁ ଦିଅ ନାହିଁ। ଏଣୁ ଏବେ ମୁଁ ଲୋକଙ୍କୁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'ର ସୂତ୍ର ଦେଇଛି! ଏଡ଼ଜଷ୍ଟ, ଏଡ଼ଜଷ୍ଟ, ଏଡ଼ଜଷ୍ଟ। ଦହିକଡ଼ୀ (ତରକାରୀ) ଯଦି ଲୁଣିଆ ହୋଇଥିବ, ତେବେ ବୁଝିଯିବ ଯେ ଦାଦାଜୀ ଏଡ଼ଜଷ୍ଟମେଣ୍ଟ ନେବା ପାଇଁ କହିଛନ୍ତି। ଅଳ୍ପଟିକିଏ ଦହିକଡ଼ି ଖାଇବ। ହଁ, ଆଚାର କଥା ମନେ ପଡ଼ିଲେ, ଅଳ୍ପ ଆଚାର ମାଗିନେବ। କିନ୍ତୁ ଝଗଡ଼ା କରିବ ନାହିଁ, ଘରେ ଝଗଡ଼ା ହେବା ଉଚିତ୍ ନୁହେଁ। ଯଦି କୌଣସି ଜାଗାରେ ନିଜେ ଫସି ଯାଇଛ, ତେବେ ସେଠାରେ ନିଜେ ହିଁ ଏଡ୍‌ଜଷ୍ଟମେଣ୍ଟ କରିନେଲେ, ସଂସାର ସୁନ୍ଦର ଲାଗେ ।

## ପସନ୍ଦ ନ ଆସିଲେ ମଧ୍ୟ ପାଳନ କର

ତୁମ ସହିତ ଯିଏ-ଯିଏ ଡ଼ିସ୍-ଏଡ୍‌ଜଷ୍ଟ ହେବା ପାଇଁ ଆସିଲେ, ତା' ସହିତ ତୁମେ ଏଡ଼ଜଷ୍ଟ ହୋଇଯାଅ। ଦୈନିକ ଜୀବନରେ ଯଦି ଶାଶୁ-ବୋହୂଙ୍କ ଭିତରେ ଅବା ଯାଆ-ଯାଆଙ୍କ ଭିତରେ ଡ଼ିସ୍-ଏଡ୍‌ଜଷ୍ଟମେଣ୍ଟ ହେଉଥାଏ, ତେବେ ଯାହାକୁ

ଏହି ସଂସାର ଚକ୍ରରୁ ମୁକୁଳିବାର ଅଛି, ତା'କୁ ଏଡ଼ଜଷ୍ଟ ହୋଇଯିବା ଦରକାର। ପତି-ପତ୍ନୀଙ୍କ ମଧ୍ୟରୁ ଯଦି କେହି ଜଣେ ଫାଟ ସୃଷ୍ଟି କରେ, ତେବେ ଅନ୍ୟଜଣଙ୍କୁ ଯୋଡ଼ି ନେବା ଉଚିତ୍। ତେବେ ଯାଇ ସମ୍ବନ୍ଧ ଠିକ୍ ରହିବ ଓ ଶାନ୍ତି ରହିବ। ଯାହାକୁ ଏଡ଼ଜଷ୍ଟମେଣ୍ଟ ନେବା ଆସେ ନାହିଁ, ତା'କୁ ଲୋକେ ମେଣ୍ଟାଲ୍ (ମାନସିକ ରୋଗୀ) କୁହନ୍ତି । ଏହି ରିଲେଟିଭ୍ (ଆପେକ୍ଷିକ) ସତ୍ୟରେ ଆଗ୍ରହ, ଜିଦ୍ କରିବା ଆଦୌ ଦରକାର ନାହିଁ। 'ମନୁଷ୍ୟ' ତା'କୁ ହିଁ କୁହାଯାଏ, ଯିଏ ଏଭ୍ରିହ୍ୱେୟାର ଏଡ଼ଜଷ୍ଟେବଲ୍ (ସବୁଠାରେ ନିଜକୁ ଖାପଖୁଆଇ ପାରେ)। ଚୋର ସହ ମଧ୍ୟ ଏଡ଼ଜଷ୍ଟ ହୋଇଯିବା ଦରକାର ।

## ସୁଧାରିବା ନା ଏଡ଼ଜଷ୍ଟ ହୋଇଯିବା ?

ପ୍ରତ୍ୟେକ କଥାରେ ଆମେ ଅନ୍ୟମାନଙ୍କ ସହିତ ଏଡ଼ଜଷ୍ଟ ହୋଇଗଲେ କେତେ ସବୁ ସରଳ ହୋଇଯାଏ ! ଆମକୁ ସାଥିରେ କ'ଣ ନେଇଯିବାର ଅଛି ? କେହି କହେ, 'ଭାଇ, ପତ୍ନୀକୁ ସିଧା କରିଦିଅ।' 'ଆରେ, ତା'କୁ ଯଦି ସିଧା କରିବାକୁ ଯିବ ତେବେ ତୁମେ ନିଜେ ଟେଢ଼ା ହୋଇଯିବ।' ଏଣୁ ସ୍ତ୍ରୀକୁ ସିଧା କରିବାକୁ ଚେଷ୍ଟା କର ନାହିଁ, ଯେପରି ମଧ୍ୟ ହେଉ ନା କାହିଁକି ତାକୁ କରେକ୍ଟ (ସଠିକ୍) କୁହ। ଯଦି ତୁମର ତା' ସହିତ ଚିରଦିନ ପାଇଁ ଲେଣ-ଦେଣ (ସମ୍ପର୍କ ରଖିବାକୁ) ଅଛି ତେବେ ଅଲଗା କଥା, କିନ୍ତୁ ଏଠି ତ ଗୋଟିଏ ଜନ୍ମ, ପରେ ଜଣା ନାହିଁ ଆମେ କୁଆଡ଼େ ଆଉ ସେ କୁଆଡ଼େ ? ଦୁହିଁଙ୍କ ମୃତ୍ୟୁକାଳ ଅଲଗା, ଦୁହିଁଙ୍କ କର୍ମ ଅଲଗା ! କିଛି ନେବାର ବି ନାହିଁ - ଦେବାର ବି ନାହିଁ ! ଏଠାରୁ ସେ କାହା ପାଖକୁ ଯିବ, ତାହାର କି ଠିକଣା ? ତୁମେ ତା'କୁ ସିଧା କରିବ ଏବଂ ପରବର୍ତ୍ତୀ ଜନ୍ମରେ ସିଏ ଯିବ ଆଉ କାହା ଭାଗକୁ !

ଏଣୁ ନା ତ ତୁମେ ତାକୁ ସିଧା କରିବ ଓ ନା ହିଁ ସିଏ ତୁମକୁ ସିଧା କରିବ। ଯାହାବି ମିଳିଲା, ସୁନା ପରି । ପ୍ରକୃତି କେବେ ମଧ୍ୟ କାହାର ସିଧା ହୋଇପାରିବନି। କୁକୁର ଲାଙ୍ଗୁଡ଼ ବଙ୍କାକୁ ବଙ୍କା ହିଁ ରହେ। ଏଣୁ ତୁମେ ସାବଧାନ ହୋଇ ଚାଲ। ଯେମିତି ଅଛି ସେମିତି ଠିକ୍ ଅଛି, 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'।

## ପତ୍ନୀ ହେଉଛି 'କାଉଣ୍ଟର୍ ୱେଟ୍'

**ପ୍ରଶ୍ନକର୍ତ୍ତା :** ମୁଁ ୱାଇଫ୍ ସହିତ ଏଡ଼ଜଷ୍ଟ ହେବାକୁ ବହୁତ ଚେଷ୍ଟା କରୁଛି, କିନ୍ତୁ ଏଡ଼ଜଷ୍ଟମେଣ୍ଟ ହୋଇପାରୁ ନାହିଁ ।

**ଦାଦାଶ୍ରୀ :** ଏହା ସବୁ ହିସାବ ଅନୁଯାୟୀ! ବଙ୍କା ବୋଲ୍ଟ ଆଉ ବଙ୍କା ନଟ୍, ସେଠି ନଟ୍‌କୁ ସିଧା ବୁଲାଇବାକୁ ଚାହିଁଲେ କିପରି କାମ ହେବ ? ଆପଣଙ୍କୁ ଲାଗୁଥିବ ଯେ ଏ ସ୍ତ୍ରୀ ଜାତି ଏପରି କାହିଁକି ? କିନ୍ତୁ ସ୍ତ୍ରୀ ଜାତି ତ ଆପଣଙ୍କ ପାଇଁ 'କାଉଣ୍ଟର୍ ୱେଟ୍' (ପ୍ରତିଭାର) ଅଟେ। ଯେତେ ଆପଣଙ୍କର ଦୋଷ, ସେତିକ ସିଏ ତେଢ଼ା, ଏଥିପାଇଁ ତ ସବୁ 'ବ୍ୟବସ୍ଥିତ' ବୋଲି ମୁଁ କହିଛି ନା ?

**ପ୍ରଶ୍ନକର୍ତ୍ତା :** ସମସ୍ତେ ଯେପରି ଆମକୁ ସିଧା କରିବାକୁ ଆସିଛନ୍ତି, ଏପରି ଅନୁଭବ ହେଉଛି।

**ଦାଦାଶ୍ରୀ :** ଆପଣଙ୍କୁ ତ ସେ ସିଧା କରିବା ଦରକାର। ସିଧା ନ ହେଲେ ସଂସାର ଚଳେ ନାହିଁ ନାଁ ? ସିଧା ଯଦି ନ ହେବ ତ ଆଦର୍ଶ ବାପା କିପରି ହେବ ? ସିଧା ହେବ, ତେବେ ବାପା ବନି ପାରିବ । ସ୍ତ୍ରୀ ଜାତି କିଛି ଏପରି ଯେ ସେମାନେ ବଦଳିବେ ନାହିଁ, ଏଥିପାଇଁ ଆମକୁ ବଦଳିବାକୁ ପଡ଼ିବ । ସେମାନେ ସହଜ ଜାତିର ଅଟନ୍ତି, ସେମାନେ ବଦଳିଯିବେ ଏପରି ନୁହେଁ ।

ୱାଇଫ୍, ତାହା କ'ଣ ?

**ପ୍ରଶ୍ନକର୍ତ୍ତା :** ଆପଣ କୁହନ୍ତୁ ।

**ଦାଦାଶ୍ରୀ :** ୱାଇଫ୍ ଇଜ୍ ଦ କାଉଣ୍ଟର୍ ୱେଟ୍ ଅଫ୍ ମ୍ୟାନ୍ (ସ୍ତ୍ରୀ ହେଉଛି ସ୍ୱାମୀର ପ୍ରତିଭାର) । ସେ କାଉଣ୍ଟର୍ ୱେଟ୍ (ପ୍ରତିଭାର) ଯଦି ନ ରହିବ ତେବେ ମଣିଷ ଅଟକିଯିବ।

**ପ୍ରଶ୍ନକର୍ତ୍ତା :** ଏହି କଥା ବୁଝି ପାରିଲି ନାହିଁ ।

**ଦାଦାଶ୍ରୀ :** ଯେପରି ଇଞ୍ଜିନରେ କାଉଣ୍ଟର୍ ୱେଟ୍ (ପ୍ରତିଭାର) ରଖାଯାଇଥାଏ, ନଚେତ୍ ଇଞ୍ଜିନ୍ ଚାଲୁ ଚାଲୁ ଅଟକି ଯିବ। ସେହିପରି ପୁରୁଷର କାଉଣ୍ଟର୍ ୱେଟ୍ (ପ୍ରତିଭାର) ସ୍ତ୍ରୀ ଅଟେ । ସ୍ତ୍ରୀ ଥିବ ଯଦି ଗାଡ଼ି ବନ୍ଦ ହେବ ନାହିଁ।

ନଚେତ୍ ଧାଁ-ଦୌଡ଼ କୌଣସି ଠିକଣା ରହିବ ନାହିଁ, ଆଜି ଏଠି ତ କାଲି ଅନ୍ୟ କେଉଁଠି ବୁଲୁଥିବ । ଏହି ସ୍ତ୍ରୀ ଅଛି ବୋଲି ସେ ଘରକୁ ଆସୁଛି, ନଚେତ୍ ସେ କ'ଣ ଘରକୁ ଆସନ୍ତା ?

**ପ୍ରଶ୍ନକର୍ତ୍ତା :** ନାଁ, ଆସନ୍ତା ନାହିଁ ।

**ଦାଦାଶ୍ରୀ :** ଏଣୁ ସ୍ତ୍ରୀ ତା' ପାଇଁ କାଉଣ୍ଟର୍ ୱେଟ୍ ।

## ଝଗଡ଼ା, ଶେଷରେ ଅନ୍ତ ହେଲାବାଲା

**ପ୍ରଶ୍ନକର୍ତ୍ତା :** ସକାଳର ଝଗଡ଼ା ଦ୍ୱିପ୍ରହରରେ ଭୁଲିଯାଉ ପୁଣି ସନ୍ଧ୍ୟାରେ ନୂଆ କିଛି ଝଗଡ଼ା ଆରମ୍ଭ ହୁଏ ।

**ଦାଦାଶ୍ରୀ :** ମୁଁ ଏହା ଜାଣେ ଯେ, ମତଭେଦ କେଉଁ ଶକ୍ତି ପାଇଁ ହୁଏ । ସେ ଓଲଟା କୁହେ, ସେଥିରେ କେଉଁ ଶକ୍ତି କାର୍ଯ୍ୟ କରେ ? କହିବା ପରେ ପୁଣି 'ଏଡ଼ଜଷ୍ଟ' ହୋଇ ଯାଆନ୍ତି, ତାହା ସବୁ ଜ୍ଞାନ ଦ୍ୱାରା ବୁଝିହେବ, ଏପରି ଅଟେ । ତଥାପି ସଂସାରରେ 'ଏଡ଼ଜଷ୍ଟ' ହେବାକୁ ପଡ଼େ । କାରଣ ପ୍ରତ୍ୟେକ ପରିସ୍ଥିତିର ଅନ୍ତ ଥାଏ । ଆଉ ମାନିନିଅ ସେ ଝଗଡ଼ା ଲମ୍ବା ସମୟ ପର୍ଯ୍ୟନ୍ତ ଚାଲେ ଆହୁରି ତୁମେ ମଧ୍ୟ ତାଙ୍କୁ 'ହେଲ୍ପ' ନ କରି, ବରଂ ଅଧିକ କ୍ଷତି କରିଥାଅ । ଆପଣ ନିଜର ଏବଂ ସମ୍ମୁଖ ବ୍ୟକ୍ତିର ମଧ୍ୟ କ୍ଷତି କରିଥାନ୍ତି ।

## ନଚେତ୍ ପ୍ରାର୍ଥନାର 'ଏଡ଼ଜଷ୍ଟମେଣ୍ଟ'

**ପ୍ରଶ୍ନକର୍ତ୍ତା :** ସମ୍ମୁଖରେ ଥିବା ବ୍ୟକ୍ତିକୁ ବୁଝାଇବା ପାଇଁ ମୁଁ ନିଜର ପୁରୁଷାର୍ଥ କଲି, ଏବେ ସେ ବୁଝିବ କି ନ ବୁଝିବ, ଏହା ତା'ର ପୁରୁଷାର୍ଥ ?

**ଦାଦାଶ୍ରୀ :** ଆମର କେବଳ ଏତିକି ଦାୟିତ୍ୱ ଯେ ଆମେ ତାକୁ ବୁଝାଇବା । ତଥାପି ସେ ଯଦି ନ ବୁଝେ, ତାହାର କିଛି ଉପାୟ ନାହିଁ । ପରେ ତୁମେ ଏତିକି କୁହ ଯେ, 'ହେ ଦାଦା ଭଗବାନ (ସାମ୍ନା ବ୍ୟକ୍ତିଙ୍କ ଭିତରେ ଥିବା ଭଗବାନ) ! ତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ' । ଏତିକି କହିବା ଉଚିତ୍ । ତାଙ୍କୁ ଶଙ୍କା ମଧ୍ୟରେ ରଖିବ ନାହିଁ । ଏହା କୌଣସି ଗପ ନୁହେଁ । ଏହା 'ଦାଦାଜୀ'ଙ୍କର 'ଏଡ଼ଜଷ୍ଟମେଣ୍ଟ'ର ବିଜ୍ଞାନ ଅଟେ, ଆଶ୍ଚର୍ଯ୍ୟ ଅଟେ ଏହି 'ଏଡ଼ଜଷ୍ଟମେଣ୍ଟ' । ଆଉ ଯେଉଁଠି 'ଏଡ଼ଜଷ୍ଟ'

ହୋଇ ନ ପାର ସେଠାରେ ତା'ର ସ୍ୱାଦ ତ ନିଶ୍ଚୟ ଆପଣ ପାଇଥିବେ ? ଡିସ୍-ଏଡ଼ଜଷ୍ଟମେଣ୍ଟ ହିଁ ମୂର୍ଖତା ଅଟେ । କାରଣ ସେ ଭାବୁଥାଏ ଯେ ମୁଁ ମୋର ସ୍ୱାମୀତ୍ୱ ପରିତ୍ୟାଗ କରିବି ନାହିଁ ଏବଂ ମୋର ହିଁ ଅଧିକାର ରହିବା ଆବଶ୍ୟକ । ଏପରି ମାନିଲେ ସାରା ଜୀବନ ଭୋକରେ ମରିବ ଆଉ ଦିନ ଆସିବ ତୁମ ଥାଳିରେ 'ପଇଜନ୍' (ବିଷ) ଆସିପାରେ ! ସହଜ ଭାବରେ ଯାହା ଚାଲୁଛି, ତାକୁ ଚାଲିବାକୁ ଦିଅ ! ଏହା ତ କଳିଯୁଗ । କିପରି ଏହି ବାତାବରଣ ? ! ଏଥିପାଇଁ ଯେତେବେଳେ ପତ୍ନୀ କହେ ଯେ, 'ତୁମେ ଅଯୋଗ୍ୟ ।' ତେବେ କୁହ, 'ବହୁତ ଭଲ ।'

## ଟେଢ଼ାଙ୍କ ସହିତ ଏଡ଼ଜଷ୍ଟ ହୋଇଯାଅ ।

**ପ୍ରଶ୍ନକର୍ତ୍ତା :** ବ୍ୟବହାରରେ ରହିବାର ଅଛି, ସେଥିପାଇଁ 'ଏଡ଼ଜଷ୍ଟମେଣ୍ଟ' ଏକ ପକ୍ଷୀୟ ହେବା କଥା ନୁହେଁ ନା ?

**ଦାଦାଶ୍ରୀ :** ବ୍ୟବହାର ତ ତାହାକୁ ହିଁ କୁହାଯାଏ, ଯିଏ ସମସ୍ତଙ୍କ ସହିତ ଏଡ଼ଜଷ୍ଟ ହୋଇପାରେ ଯାହାଦ୍ୱାରା ପଡ଼ୋଶୀମାନେ ମଧ୍ୟ କୁହନ୍ତି ଯେ 'ସମସ୍ତଙ୍କ ଘରେ ଝଗଡ଼ା ହେଉଛି, କିନ୍ତୁ ଏହି ଘରେ ଝଗଡ଼ା ହୁଏ ନାହିଁ' । ତା'ର ବ୍ୟବହାରକୁ ସର୍ବୋତ୍ତମ କୁହାଯିବ । ଯାହା ସହିତ ତାଳମେଳ ଖାଏ ନାହିଁ, ସେଠାରେ ହିଁ ଶକ୍ତି ବିକଶିତ କରିବାକୁ ହେବ । ଅନୁକୂଳ ପରିସ୍ଥିତିରେ ତ ଶକ୍ତି ଅଛି ହିଁ । ପ୍ରତିକୂଳ ଲାଗିବା, ହିଁ ଆମର ଦୁର୍ବଳତା ଅଟେ । ମୋର ସମସ୍ତଙ୍କ ସହିତ ଅନୁକୂଳତା କାହିଁକି ରୁହେ ? ଯେତେ ଏଡ଼ଜଷ୍ଟମେଣ୍ଟ ନେବ, ସେତେ ଶକ୍ତି ବଢ଼ିବ ଏବଂ କୁଶକ୍ତିଗୁଡ଼ିକ ନଷ୍ଟ ହୋଇଯିବ । ଉଚିତ୍ ବିଚାରଧାରା ସେତେବେଳେ ଆସିବ, ଯେତେବେଳେ ସମସ୍ତ ଓଲଟା ବିଚାରଧାରାରେ ତାଲା ଲାଗିଯିବ ।

ନରମ ସ୍ୱଭାବର ବ୍ୟକ୍ତିଙ୍କ ସହିତ କେହି ମଧ୍ୟ ଏଡ଼ଜଷ୍ଟ ହୋଇଯିବ କିନ୍ତୁ ଟେଢ଼ା, କଠୋର, କର୍କଶ ସ୍ୱଭାବ ଲୋକଙ୍କ ସହିତ ଏଡ଼ଜଷ୍ଟ ହେବା ଆସିଲେ ତ କାମ ହୋଇଯିବ । କେତେ ବି ଅଭଦ୍ର ବ୍ୟକ୍ତି ହୋଇଥାଉ ପଛେ, ନିଜର ବୁଦ୍ଧିର ସନ୍ତୁଳନ ନ ହରାଇ ତା' ସହିତ ଏଡ଼ଜଷ୍ଟ ହୋଇପାରିଲେ ତୁମର କାମ ହୋଇଗଲା ବୋଲି ଜାଣ । ରାଗିଗଲେ ଚଳିବ ନାହିଁ । ସଂସାରର କୌଣସି ଜିନିଷ ଆମକୁ 'ଫିଟ୍' ହେବ ନାହିଁ, ଆମେ ତା' ସହିତ ଯଦି 'ଫିଟ୍' ହୋଇଯିବା ତେବେ ଦୁନିଆ

ସୁନ୍ଦର ଆଉ ତା'କୁ ଯଦି 'ଫିଟ୍' କରିବାକୁ ଯିବା ତେବେ ଦୁନିଆ ତେଢ଼ା। ଏଣୁ ଏଡ଼ଜଷ୍ଟ ଏଭ୍ରିହ୍ୱେୟାର ! ତୁମେ ତା' ସହିତ 'ଫିଟ୍' ହୋଇଯାଅ ତେବେ କୌଣସି ଅସୁବିଧା ନାହିଁ ।

## ଡୋଣ୍ଟ ସି ଲ, ସେଟଲ୍ !

'ଜ୍ଞାନୀ' ତ, ସମ୍ମୁଖ ବ୍ୟକ୍ତି ତେଢ଼ା ହେଲେ ମଧ୍ୟ ତା' ସହିତ ଏଡ଼ଜଷ୍ଟ ହୋଇଯାଆନ୍ତି । 'ଜ୍ଞାନୀ ପୁରୁଷ'ଙ୍କୁ ଦେଖି ତାଙ୍କ ମାର୍ଗରେ ଚାଲିଲେ ସବୁ ପ୍ରକାର ଏଡ଼ଜଷ୍ଟମେଣ୍ଟ ନେବା ଶିଖିଯିବ। ଏହା ପଛରେ ଥିବା ସାଇନ୍ସ କ'ଣ କହିଥାଏ, ବୀତରାଗ ହୋଇ ଯାଅ, ରାଗ-ଦ୍ୱେଷ କରନାହିଁ । ଭିତରେ କିଛି ଆସକ୍ତି ରହିଥିବା ଯୋଗୁଁ ହଇରାଣ ହେବାକୁ ପଡୁଛି। ବ୍ୟବହାରରେ ଯେଉଁ ବ୍ୟକ୍ତି ଏକ ପକ୍ଷୀୟ ନିଷ୍ପୃହ ହୋଇ ଯାଇଛନ୍ତି, ସେହିମାନଙ୍କୁ ତେଢ଼ା ବୋଲି କୁହାଯାଏ। ଆପଣଙ୍କର ଯଦି ଆବଶ୍ୟକତା ଥିବ, କିନ୍ତୁ ସମ୍ମୁଖ ବ୍ୟକ୍ତି ତେଢ଼ା ହୋଇଥିବ, ତଥାପି ତା'କୁ ମନାଇ ନେବା ଉଚିତ୍ । ଷ୍ଟେସନରେ କୁଲିର ଆବଶ୍ୟକତା ଥିବ ଆଉ ସେ କିଛି ଅଧିକ ପଇସା ଚାହୁଁଥିବ, ତଥାପି ଚାରି ଅଣା ଅଧିକ ଦେଇ ତା'କୁ ରାଜି କରାଇ ନେବାକୁ ପଡ଼ିବ ଆଉ ରାଜି କରାଇ ନ ପାରିବେ ତେବେ ବ୍ୟାଗ୍ ନିଜକୁ ଉଠାଇବାକୁ ପଡ଼ିବ ନା !

ଡୋଣ୍ଟ ସି ଲ, ପ୍ଲିଜ୍ ସେଟଲ୍ (ନିୟମ ଦେଖ ନାହିଁ , ଦୟାକରି ବୁଝାମଣା କରିନିଅ) । ସମ୍ମୁଖ ବ୍ୟକ୍ତିକୁ ସେଟଲ୍‌ମେଣ୍ଟ ନେବାକୁ କହିବା, 'ତୁମେ ଏମିତି କର, ସେମିତି କର' ଏପରି କହିବା ପାଇଁ ସମୟ କାହିଁ? ସମ୍ମୁଖ ବ୍ୟକ୍ତିର ଶହେ ଭୂଲ୍ ଥିଲେ, ମଧ୍ୟ 'ସବୁ କିଛି ନିଜର ଭୂଲ୍' ବୋଲି କହି ଆଗକୁ ବଢ଼ିବାର ଅଛି । ଏହି ଯୁଗରେ ଲ (ନ୍ୟାୟ) କ'ଣ ଦେଖିବା ଉଚିତ୍ ? ଏହା ତ ଶେଷ ସୀମାରେ ପହଞ୍ଚି ସାରିଲାଣି । ଯେଉଁଠାରେ ଦେଖ ସବୁଠି ଧାଁ-ଦୌଡ଼ ପ୍ରତିଯୋଗିତା! ଲୋକେ ସମସ୍ୟାରେ ବୁଡ଼ି ରହିଛନ୍ତି। ଘରକୁ ଗଲେ ୱାଇଫ୍‌ର ଅଭିଯୋଗ, ପିଲାମାନଙ୍କର ଅଭିଯୋଗ, ଚାକିରୀକୁ ଗଲେ ମାଲିକର ଅଭିଯୋଗ, ରେଳରେ ଗଲେ ଭିଡ଼ରେ ଯାତ୍ରୀଙ୍କ ଧକ୍‌କା। କେଉଁଠି ବି ଶାନ୍ତି ନାହିଁ । ଶାନ୍ତି ତ ଆବଶ୍ୟକ ନା ? କେହି ଯଦି

ଲଢ଼ିବାକୁ ଲାଗେ ତେବେ ତା' ପ୍ରତି ଦୟା ଆସିବା ଉଚିତ୍ କି 'ଆରେ, ଏହି ଲୋକଟି କେତେ ଅଶାନ୍ତିରେ ଥିବ ଯାହା ଫଳରେ ଝଗଡ଼ା କରିବାକୁ ଲାଗିଲା!' ଯେଉଁମାନେ ବିରକ୍ତ ହୁଅନ୍ତି, ସେମାନେ ସବୁ ଦୁର୍ବଳ ଅଟନ୍ତି।

## ଅଭିଯୋଗ ? ନାଁ, 'ଏଡ୍‌ଜଷ୍ଟ'

ଏମିତିକି, ଘରେ ମଧ୍ୟ 'ଏଡ଼ଜଷ୍ଟ' ହେବା ଆସିବା ଦରକାର। ତୁମେ ଯଦି ସତ୍‌ସଙ୍ଗରୁ ଘରକୁ ଡେରିରେ ଫେରିବ ତା'ହେଲେ ଘରେ କ'ଣ କହିବେ ? 'କିଛି ତ ସମୟର ଧ୍ୟାନ ରଖିବା ଉଚିତ୍ କି ନାହିଁ ?' ଯଦି ଆମେ ଟିକିଏ ଶୀଘ୍ର ଫେରିବା ତା'ହେଲେ ଏଥିରେ କ୍ଷତି କ'ଣ ? ବଳଦ ନ ଚାଲିଲେ ତେଲି ତା'କୁ କଣ୍ଟା ଲାଗିଥିବା ବାଡ଼ିରେ କେଞ୍ଚି ଦିଏ । ଏହା ବଦଳରେ ସେ ଯଦି ଆଗେଇ ଚାଲନ୍ତା ତେଲି ତା'କୁ ଦଣ୍ଡ ଦିଅନ୍ତା ନାହିଁ ! ନଚେତ୍ ତେଲି ତା'କୁ ଅଧିକ କେଞ୍ଚିବ ଆଉ ତାକୁ ଚାଲିବାକୁ ପଡ଼ିବ। ଚାଲିବାକୁ ତ ପଡ଼ିବ ନା ? ତୁମେ ଏଭଳି ଦେଖିଛ ? ତେଲି ଯାହା ସାହାଯ୍ୟରେ ତା'କୁ ଦଣ୍ଡ ଦିଏ ତା' ଅଗରେ ଗୋଟିଏ କଣ୍ଟା ଥାଏ । ସେହି କଣ୍ଟାରେ ତାକୁ ଫୋଡ଼ି ଦିଆଯାଏ, ମୂକ ଜୀବଟି କ'ଣ ବା କରି ପାରିବ ? ସେ କାହା ନିକଟରେ ଅଭିଯୋଗ କରିବ ?

ଏହି ଲୋକମାନଙ୍କୁ ଯଦି କେହି ଆଘାତ ଦିଏ ତେବେ ତାକୁ ବଞ୍ଚାଇବା ପାଇଁ ଅନ୍ୟ ଲୋକମାନେ ବାହାରି ଆସିବେ, କିନ୍ତୁ ସେ ମୂକ ଜୀବଟି କାହା ନିକଟରେ ଅଭିଯୋଗ କରିବ ? ଏବେ ତା'କୁ ଏପରି ଦଣ୍ଡ ଭୋଗିବାର ସମୟ କାହିଁକି ଆସିଲା ? କାରଣ ପୂର୍ବରୁ ସେ ଅନେକ ଅଭିଯୋଗ କରିଥିଲା । ଏହା ହେଉଛି ତାହାର ପରିଣାମ । ସେତେବେଳେ ସେ କ୍ଷମତାରେ ଥିଲା, ଅଭିଯୋଗ ପରେ ଅଭିଯୋଗ କରିଥିଲା । ଏବେ କ୍ଷମତାରେ ନାହିଁ, ସେଥିପାଇଁ ଅଭିଯୋଗ ନ କରି ଚୁପ୍ ରହିବାକୁ ହେବ । ଏଥିପାଇଁ ଏବେ 'ପ୍ଲସ୍-ମାଇନସ୍' କରିଦିଅ । ଏହା ବଦଳରେ ଅଭିଯୋଗକାରୀ ହୁଅ ନାହିଁ । ସେଥିରେ କ'ଣ ଭୂଲ୍ ? ଯଦି ଅଭିଯୋଗକାରୀ ହେବା ତେବେ ଯାଇ ଦୋଷୀ ହେବାର ସମୟ ଆସିବ ନା ? ଆମକୁ ତ ଦୋଷୀ ହେବାର ନାହିଁ କି ଅଭିଯୋଗକାରୀ ହେବାର ନାହିଁ ! ଯଦି

ସମ୍ମୁଖ ବ୍ୟକ୍ତି ଗାଳି ଦେଇଗଲା, ତାହାକୁ ନିଜ ଖାତାରେ ଜମା କରିନିଅ । ଅଭିଯୋଗକାରୀ ହେବାର ହିଁ ନାହିଁ । ଆପଣଙ୍କୁ କ'ଣ ଲାଗୁଛି ? ଅଭିଯୋଗକାରୀ ହେବା ଠିକ୍ କି ? ତେଣୁ ଅଭିଯୋଗକାରୀ ନ ହୋଇ ପୂର୍ବରୁ 'ଏଡ଼ଜଷ୍ଟ' କରିନେଲେ, ତେବେ କ'ଣ ଭୂଲ ?

## ଓଲଟା କହିବା ପରେ

ବ୍ୟବହାରରେ 'ଏଡଜଷ୍ଟମେଣ୍ଟ' ନେବାକୁ ଏହି କାଳରେ 'ଜ୍ଞାନ' କୁହାଯାଏ । ହଁ, ଏଡ଼ଜଷ୍ଟମେଣ୍ଟ ନିଅ, ଯଦି ବି ଏଡ଼ଜଷ୍ଟମେଣ୍ଟ ହୋଇପାରୁନାହିଁ ତଥାପି ଏଡ଼ଜଷ୍ଟ କରିନିଅ । ତୁମେ କାହାକୁ ଭଲ-ମନ୍ଦ କହିଦେଲ। କହିବା, ତାହା ତୁମ ନିୟନ୍ତ୍ରଣରେ ନାହିଁ । ତୁମ ଦ୍ୱାରା ମଧ୍ୟ କେବେ କେବେ ଏଭଳି କହି ହୋଇଯାଏ କି ନାହିଁ ? କହି ତ ଦେଲ, କିନ୍ତୁ ପରେ ସଙ୍ଗେ ସଙ୍ଗେ ଜଣା ପଡ଼ିଯାଏ ଯେ ଭୂଲ୍ ହୋଇଗଲା । ଜଣା ନ ପଡ଼ି ରହେ ନାହିଁ, କିନ୍ତୁ ସେହି ସମୟରେ ଆମେ ଏଡ଼ଜଷ୍ଟ କରିବାକୁ ଯାଇ ନଥାଉ । ପରେ ତୁରନ୍ତ ତାଙ୍କ ନିକଟକୁ ଯାଇ କହିବା ଉଚିତ ଯେ, 'ଭାଇ, ମୋ ମୁହଁରୁ ସେତେବେଳେ ଭଲ-ମନ୍ଦ ବାହାରି ଯାଇଥିଲା, ମୋର ଭୁଲ ହୋଇଗଲା, ସେଥିପାଇଁ କ୍ଷମା କରିଦିଅ !' ତେବେ ଏଡ଼ଜଷ୍ଟମେଣ୍ଟ ହୋଇଗଲା । ଏଥିରେ କିଛି ଅସୁବିଧା ଅଛି କି ?

**ପ୍ରଶ୍ନକର୍ତ୍ତା :** ନାଁ, କିଛି ଅସୁବିଧା ନାହିଁ ।

## ପ୍ରତ୍ୟେକ ଜାଗାରେ ଏଡ଼ଜଷ୍ଟମେଣ୍ଟ

**ପ୍ରଶ୍ନକର୍ତ୍ତା :** ବେଳେବେଳେ ଏପରି ହୁଏ ଯେ ଏକ ସମୟରେ ଦୁଇଜଣଙ୍କ ସହ ଗୋଟିଏ କଥା ପାଇଁ 'ଏଡ଼ଜଷ୍ଟମେଣ୍ଟ' ନେବାକୁ ଦରକାର ପଡ଼େ, ସେହି ସମୟରେ ଦୁହିଁଙ୍କ ସହିତ କିପରି ବ୍ୟବହାର କରିବାକୁ ପଡ଼ିବ ?

**ଦାଦାଶ୍ରୀ :** ଦୁଇଜଣଙ୍କ ସହ (ଏଡ଼ଜଷ୍ଟମେଣ୍ଟ) ନେଇ ପାରିବା । ଆରେ, ସାତ ଜଣଙ୍କ ସହ ନେବାର ଥିଲେ ମଧ୍ୟ ନେଇ ହେବ । ଜଣେ ପଚାରେ, 'ମୋର କଥା କ'ଣ ହେଲା ?' ତେବେ କୁହ, 'ହଁ, ଭାଇ, ତୁମ କହିବା ଅନୁସାରେ କରିବି ।'

ଅନ୍ୟ ଜଣଙ୍କୁ ମଧ୍ୟ ଏପରି କହିବ ଯେ 'ତୁମେ ଯେମିତି କହିବ ମୁଁ ସେମିତି କରିବି ।' 'ବ୍ୟବସ୍ଥିତି'ର ବାହାରେ କିଛି ହେବାର ହିଁ ନାହିଁ। ଏଥିପାଇଁ କିଛି ମଧ୍ୟ କରି ଝଗଡ଼ା ହେବାକୁ ଦିଅନାହିଁ । ମୁଖ୍ୟ ଜିନିଷ 'ଏଡ଼ଜଷ୍ଟମେଣ୍ଟ' ଅଟେ । 'ହଁ' କହିଲେ ମୁକ୍ତି ମିଳିବ । ଆମେ 'ହଁ' କହିଲେ, ତଥାପି 'ବ୍ୟବସ୍ଥିତ'ରୁ ବାହାରେ କିଛି ହେବ କି ? କିନ୍ତୁ 'ନାଁ' କହିଲେ ତ ମହା-ଉପାଧି !

ଘରେ ସ୍ୱାମୀ-ସ୍ତ୍ରୀ ଦୁହେଁ ନିଶ୍ଚିତ କରିନିଅ ଯେ ମୋତେ 'ଏଡ଼ଜଷ୍ଟ' ହେବାକୁ ଅଛି, ତେବେ ଦୁହିଁଙ୍କ ସମସ୍ୟାର ସମାଧାନ ହୋଇଯିବ। ଯଦି ସେ ଜିଦ୍ ଧରି ବସେ, ତେବେ ଆମେ 'ଏଡ଼ଜଷ୍ଟ' ହୋଇଗଲେ, ସମସ୍ୟାର ସମାଧାନ ହୋଇଯିବ । ଜଣେ ଲୋକର ହାତ ବିନ୍ଧୁଥିଲା, କିନ୍ତୁ ସେ କାହାକୁ ନ ଜଣାଇ ଅନ୍ୟ ହାତରେ ସେ ହାତକୁ ଦବାଇ 'ଏଡ଼ଜଷ୍ଟ' କଲା ! ଏଭଳି 'ଏଡ଼ଜଷ୍ଟ' ହୋଇଗଲେ, ତେବେ ସମାଧାନ ହୋଇଯିବ । ଯଦି 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ନ ହେବ ତେବେ ସବୁ ପାଗଳ ହୋଇଯିବ। ଅନ୍ୟକୁ ଚିଡ଼ାଉଥିଲ, ସେଥିପାଇଁ ପାଗଳ ହୋଇଅଛ। ଗୋଟିଏ କୁକୁରକୁ ଥରେ ହଇରାଣ କଲ, ପୁଣି ଦୁଇ-ତିନିଥର ହଇରାଣ କଲ, ସେ ପର୍ଯ୍ୟନ୍ତ ସିଏ ଆମକୁ ଛାଡ଼ିଦେବ, କିନ୍ତୁ ପୁଣି ବାରମ୍ବାର ହଇରାଣ କଲେ ସିଏ ମଧ୍ୟ ଆମକୁ କାମୁଡ଼ିବ । ସିଏ ମଧ୍ୟ ବୁଝିଯିବ ଯେ ଏହି ଲୋକ ମୋତେ ସବୁଦିନ ହଇରାଣ କରୁଛି, ଇଏ ଅଯୋଗ୍ୟ ଅଟେ, ବେହିୟା ଅଟେ। ଏହା ବୁଝିବା ଯୋଗ୍ୟ ଅଟେ । ତିଳେମାତ୍ର ଝଞ୍ଜଟ କର ନାହିଁ, 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର'।

ଯାହାକୁ 'ଏଡ଼ଜଷ୍ଟ' ହେବାର କଳା ଆସିଗଲା, ସେ ସଂସାରରୁ 'ମୋକ୍ଷ' ଆଡ଼କୁ ଗତି କଲା। 'ଏଡ଼ଜଷ୍ଟମେଣ୍ଟ' ହେବା, ତାହାର ନାମ ହିଁ ଜ୍ଞାନ । ଯିଏ 'ଏଡ଼ଜଷ୍ଟମେଣ୍ଟ' ହେବାର କଳା ଶିଖିଗଲା, ସିଏ ପାରି ହୋଇଗଲା। ଯାହା ଭୋଗିବାର ଅଛି, ତାହା ତ ଭୋଗିବାକୁ ହିଁ ପଡ଼ିବ । କିନ୍ତୁ ଯାହାକୁ 'ଏଡ଼ଜଷ୍ଟମେଣ୍ଟ' ନେବା ଆସିଯାଏ, ତା'କୁ କିଛି ଅସୁବିଧା ହୁଏ ନାହିଁ, ଆଉ ହିସାବ ସବୁ ପୁରା ହୋଇଯାଏ। କେବେ ଯଦି ଡକାୟତମାନଙ୍କ ହାବୁଡ଼ରେ ପଡ଼ିଯାଅ, ଆଉ ସେମାନଙ୍କ ସହ 'ଡିସ୍-ଏଡ଼ଜଷ୍ଟ' ହୁଅ ତେବେ ସେମାନେ ମାରିଦେବେ। ଏହା ବଦଳରେ ଆମେ ନିଶ୍ଚୟ କରିବା ଉଚିତ୍ ଯେ ସେମାନଙ୍କ ସହ 'ଏଡ଼ଜଷ୍ଟ' ହୋଇଯିବା ଏବଂ ପଚାରିବା

'ଭାଇ, ତୁମର କଣ ଇଚ୍ଛା ? ଦେଖ ଭାଇ, ଆମେ ତ ତୀର୍ଥ ଯାତ୍ରାରେ ବାହାରିଛୁ।' ଏହି ଭଳି ସେମାନଙ୍କ ସହ 'ଏଡ଼ଜଷ୍ଟ' ହୋଇଯାଅ ।

ପତ୍ନୀ ରୋଷେଇ କରିଥିଲେ, ସେଥିରେ ଭୁଲ୍ ବାହାର କରିବା ହିଁ ବ୍ଲଣ୍ଡର୍ସ (ଗୁରୁତର ଭୂଲ୍)। ଏପରି ଭୂଲ୍ କାଢ଼ିବା ଉଚିତ୍ ନୁହେଁ । ଏପରି କଥା କହୁଛ ଯେମିତି ନିଜେ କେବେ ବି ଭୂଲ୍ କରି ନାହଁ। ହାଓ ଟୁ ଏଡ଼ଜଷ୍ଟ ? ଏଡ଼ଜଷ୍ଟମେଣ୍ଟ ତ ନେବାକୁ ହେବ । ଯାହା ସହ ସବୁଦିନ ରହିବାର ଅଛି, ତା'ସହ କ'ଣ ଏଡ଼ଜଷ୍ଟମେଣ୍ଟ ନେବା ଉଚିତ୍ ନୁହେଁ? ଯଦି ନିଜ ଦ୍ୱାରା କେହି ଦୁଃଖ ପାଉଛି, ତେବେ ତାହାକୁ ଭଗବାନ ମହାବୀରଙ୍କ ଧର୍ମ କିପରି କହିବା? ଆଉ ଘରର ସଦସ୍ୟଙ୍କୁ ତ ଅବଶ୍ୟ ଦୁଃଖ ନ ହେବା ଉଚିତ୍।

## ଘର ଗୋଟେ ବଗିଚା

ଜଣେ ଭାଇ ମୋତେ କହିଲେ ଯେ 'ଦାଦାଜୀ, ମୋ ପତ୍ନୀ ଘରେ ଏମିତି କରୁଛି, ସେମିତି କରୁଛି ।' ମୁଁ ତା'କୁ କହିଲି, ତୁମ ସ୍ତ୍ରୀକୁ ପଚାରିଲେ ସେ କହିବ ଯେ 'ମୋ ସ୍ୱାମୀ ହିଁ କମ୍ ବୁଦ୍ଧିବାଲା ଅଟନ୍ତି' । ଏବେ ଏଥିରେ ତୁମେ କେବଳ ନିଜର ହିଁ ନ୍ୟାୟ କାହିଁକି ଖୋଜୁଛ ? ତେବେ ସେ ଭାଇ କହିଲେ ଯେ 'ମୋର ଘର ତ ବିଗିଡ଼ି ଗଲାଣି, ସ୍ତ୍ରୀ, ପୁଅ, ଝିଅ ସବୁ ବିଗିଡ଼ି ଗଲେଣି'। ମୁଁ କହିଲି, 'କିଛି ବି ବିଗିଡ଼ି ନାହିଁ'। ତୁମକୁ ଏହା ଠିକ୍‌ରେ 'ଦେଖି' ଆସୁ ନାହିଁ। ତୁମେ ନିଜ ଘରକୁ ଠିକ୍‌ରେ 'ଦେଖି' ଜାଣିବା ଉଚିତ୍ । ଘରର ପ୍ରତ୍ୟେକଙ୍କ ପ୍ରକୃତିକୁ ଚିହ୍ନିପାରୁଥିବା ଦରକାର ।

ଘରେ ଏଡ଼ଜଷ୍ଟମେଣ୍ଟ ହୋଇପାରେ ନାହିଁ, ତାହାର କାରଣ କ'ଣ ? ପରିବାରରେ ଅଧିକ ସଦସ୍ୟ ଥିଲେ ସମସ୍ତଙ୍କ ସହ ତାଳମେଳ ରହେ ନାହିଁ । କଥାରୁ ନଥା ହୋଇଯାଏ । ଏପରି କାହିଁକି ହୁଏ ? ମଣିଷମାନଙ୍କର ସ୍ୱଭାବ ଏକପ୍ରକାର ହୋଇନଥାଏ। ଯେମିତି ଯୁଗ, ସ୍ୱଭାବ ମଧ୍ୟ ସେମିତି ହୋଇଯାଏ । ସତ୍ୟଯୁଗରେ ପରସ୍ପରର ସ୍ୱଭାବ ମେଳ ଖାଉଥିଲା । ଘରେ ଶହେ ଜଣ ସଦସ୍ୟ ଥିଲେ ମଧ୍ୟ, ଜେଜେବାପାଙ୍କ କହିବା ଅନୁସାରେ ସମସ୍ତେ ଚାଲୁଥିଲେ ଆଉ ଏ କଳିଯୁଗରେ ତ

ଜେଜେବାପା କିଛି କହିଲେ ତାଙ୍କୁ ବଡ଼-ବଡ଼ ଗାଳି ଶୁଣାନ୍ତି । ବାପା କିଛି କହିଲେ ବାପାଙ୍କୁ ମଧ୍ୟ ସେହିପରି ଶୁଣାଇ ଦିଅନ୍ତି ।

ମନୁଷ୍ୟ ତ ମନୁଷ୍ୟ ହିଁ ଅଟେ, କିନ୍ତୁ ତୁମକୁ ଚିହ୍ନିବା ଆସୁନାହିଁ । ଘରେ ପଚାଶ ସଦସ୍ୟ ଅଛନ୍ତି, କିନ୍ତୁ ତୁମକୁ ଚିହ୍ନି ଆସୁ ନ ଥିବାରୁ ଝଗଡ଼ା ହୋଇଥାଏ । ସେମାନଙ୍କୁ ଚିହ୍ନିବା ତ ଦରକାର ନା । ଘରେ ଜଣେ ଲୋକ ସବୁବେଳେ ଖିଟ୍-ପିଟ୍ କରୁଛି, ତେବେ ତାହା ତ ତା'ର ସ୍ୱଭାବ ଅଟେ । ଏଥିପାଇଁ ତୁମକୁ ଏକାଥରେ ବୁଝିନେବା ଦରକାର ଯେ ଇଏ ଏମିତି ହିଁ ଅଟେ । ତୁମେ ଥରେ ଜାଣିଗଲେ ଏହି ଲୋକଟିର ସ୍ୱଭାବ ଏପରି ଅଟେ ବୋଲି, ତା' ପରେ କିଛି ବିଶ୍ଳେଷଣ କରିବା ଜରୁରୀ ଅଛି କି ? ତୁମେ ଜାଣିଗଲ, ଆଉ କିଛି କରିବା ଦରକାର ନାହିଁ । କିଛି ଲୋକଙ୍କୁ ରାତିରେ ଡେରିରେ ଶୋଇବାର ଅଭ୍ୟାସ ଥାଏ, ଆଉ କିଛି ଲୋକଙ୍କର ଶୀଘ୍ର ଶୋଇବାର ଅଭ୍ୟାସ ଥାଏ, ତେବେ ସେହି ଦୁଇଜଣଙ୍କର ମେଳ କିପରି ହେବ ? ଆଉ ଯଦି ପରିବାରରେ ସମସ୍ତେ ସାଥିରେ ରହୁଥିବେ ତା'ହେଲେ କ'ଣ ହେବ ? ଯଦି ଘରେ ଜଣେ ବ୍ୟକ୍ତି ଏପରି କୁହେ ଯେ 'ତୁମେ ନିର୍ବୁଦ୍ଧିଆ', ତେବେ ତୁମେ ବୁଝିନେବା ଉଚିତ୍ ଯେ ତା'ର କଥାବାର୍ତ୍ତା ଏପରି ହିଁ ଅଟେ । ଏଣୁ ତୁମକୁ 'ଏଡ଼ଜଷ୍ଟ' ହୋଇଯିବା ଉଚିତ୍। ଏହା ନକରି ଯଦି ତୁମେ ପ୍ରତ୍ୟୁତ୍ତର ଦେବ ତା'ହେଲେ ଥକି ଯିବ। କାରଣ ସେ ତ ତୁମକୁ ଧକ୍କା ଦେଲା, କିନ୍ତୁ ତୁମେ ବି ତାକୁ ଧକ୍କା ଦେଲେ, ଏହା ପ୍ରମାଣିତ ହେବ ଯେ ତୁମର ମଧ୍ୟ ଆଖି ନାହିଁ ? ମୁଁ ଏହା କହିବାକୁ ଚାହୁଁଛି ଯେ ପ୍ରକୃତିର ବିଜ୍ଞାନକୁ ଜାଣ। ବାକି, ଆତ୍ମା ତ ଅଲଗା ବସ୍ତୁ ଅଟେ ।

## ବିଭିନ୍ନ, ବଗିଚାର ଫୁଲର ରଙ୍ଗ-ସୁଗନ୍ଧ

ତୁମ ଘର ତ ବଗିଚା ଅଟେ । ସତ୍ୟଯୁଗ, ତ୍ରେତୟା ଆଉ ଦ୍ୱାପର ଯୁଗରେ ଘର ସବୁ କ୍ଷେତ ଭଳି ଥିଲା। କେଉଁ କ୍ଷେତରେ କେବଳ ଗୋଲାପ ଥିଲାବେଳେ, ଆଉ କେଉଁ କ୍ଷେତରେ କେବଳ ଚମ୍ପା ଥିଲା। ଆଜିକାଲି ଘର ବଗିଚା ପରି ହୋଇଗଲାଣି । ଏଥିପାଇଁ ଆମେ ଏହା ମଲ୍ଲି ଅଟେ ବା ଗୋଲାପ ଅଟେ,

ଏପରି ପରଖିବା ଉଚିତ୍ କି ନୁହେଁ ? ସତ୍ୟଯୁଗରେ ଘରର ଜଣେ ସଦସ୍ୟର ପ୍ରକୃତି ଗୋଲାପ ଭଳି ହେଲେ ସମସ୍ତେ ଗୋଲାପ ଏବଂ ଅନ୍ୟ ଏକ ଘରେ ଗୋଟିଏ ସଦସ୍ୟ ମଲ୍ଲି ହେଲେ, ତେବେ ଘରର ସମସ୍ତେ ମଲ୍ଲି ଭଳି ହୋଇଥା'ନ୍ତି। ଗୋଟିଏ ପରିବାରର ସମସ୍ତେ ଗୋଲାପର ଗୋଟିଏ କ୍ଷେତ ଭଳି, ଏଥିପାଇଁ ଅସୁବିଧା ହେଉ ନ ଥିଲା, ଆଉ ଆଜିକାଲି ତ ବଗିଚା ଭଳି ହୋଇ ଗଲାଣି । ଗୋଟିଏ ଘରେ ଜଣେ ଗୋଲାପ ପରି, ଆଉ ଜଣେ ମଲ୍ଲି ପରି । ଏଥିପାଇଁ ଗୋଲାପ ଚିତ୍କାର କରେ ଯେ, 'ମଲ୍ଲି, ତୁ ମୋ ପରି କାହିଁକି ନୁହେଁ ? ତୋ ରଙ୍ଗ ଦେଖ, କେମିତି ଧଳା, ମୋ ରଙ୍ଗ କେତେ ସୁନ୍ଦର ଅଟେ' ! ସେତେବେଳେ ମଲ୍ଲି କହେ ଯେ, 'ତୋ ଦେହରେ କେବଳ କଣ୍ଟା ଅଛି' । ଏବେ ଗୋଲାପ ହେବ ତେବେ କଣ୍ଟା ତ ରହିବ, ଆଉ ମଲ୍ଲି ହେବ ତେବେ କଣ୍ଟା ନ ଥିବ । ମଲ୍ଲିର ରଙ୍ଗ ଧଳା ହେବ, ଆଉ ଗୋଲାପର ରଙ୍ଗ ଗୋଲାପି, ଲାଲ ହେବ । ଏ କଳିଯୁଗରେ ଗୋଟିଏ ଘରେ ଅଲଗା ଅଲଗା ଚାରା ଥାଆନ୍ତି । ଅର୍ଥାତ ଘର ବଗିଚା ଭଳି ହୋଇଗଲାଣି। କିନ୍ତୁ ଯାହାର ଏହି ଦୃଷ୍ଟି ନାହିଁ, ତା'ର କ'ଣ ହେବ ? ତା'କୁ ଦୁଃଖ ହିଁ ହେବ ନା ! ଜଗତର ଏଭଳି ଦେଖିବାର ଦୃଷ୍ଟି ନାହିଁ। ବାକି, କେହି ଖରାପ ହୋଇ ହିଁ ନଥା'ନ୍ତି । ଏହି ମତଭେଦ ତ ନିଜ ଅହଂକାର ପାଇଁ ହୁଏ। ଯାହାକୁ ଦେଖିବା ଆସୁ ନାହିଁ, ତା'ର ଅହଂକାର ଅଛି । ମୋର ଅହଂକାର ନାହିଁ, ଏଥିପାଇଁ ମୋର ସାରା ସଂସାରରେ କାହା ସହିତ ମତଭେଦ ହୁଏ ନାହିଁ । ମୋତେ ଦେଖି ଆସେ ଯେ, ଏହା 'ଗୋଲାପ' ଅଟେ, ଏହା 'ମଲ୍ଲୀ' ଅଟେ, ଏହା 'ଦୁଦୁରା' ଅଟେ, ଏହା ପିତା 'କୁନ୍ଦୁରୀ' ଫୁଲ ଅଟେ । ଏଭଳି ସମସ୍ତଙ୍କୁ ମୁଁ ଚିହ୍ନି ପାରେ। ଅର୍ଥାତ ବଗିଚା ଭଳି ହୋଇଗଲାଣି । ଏହା ତ ପ୍ରଶଂସା କରିବା ଯୋଗ୍ୟ ହୋଇଗଲା ନା ? ତୁମକୁ କ'ଣ ଲାଗୁଛି ?

**ପ୍ରଶ୍ନକର୍ତ୍ତା :** ଠିକ୍ କଥା ।

**ଦାଦାଶ୍ରୀ :** କାହାରି ପ୍ରକୃତିରେ କେବେ ପରିବର୍ତ୍ତନ ହୁଏ ନାହିଁ । ତାହା ତ ସେହି ପୁରୁଣା ମାଲ୍, ସେଥିରେ ଫରକ ଆସେ ନାହିଁ । ମୁଁ ସମସ୍ତ ପ୍ରକୃତିକୁ ଜାଣି ସାରିଛି, ଏଥିପାଇଁ ତୁରନ୍ତ ଚିହ୍ନି ପାରେ । ସେଥିପାଇଁ ମୁଁ ସମସ୍ତଙ୍କ ସହ ସେମାନଙ୍କ ପ୍ରକୃତି ଅନୁସାରେ ରହେ । ସୂର୍ଯ୍ୟଙ୍କ ସହିତ ଆମେ ଯଦି ଦ୍ୱିପ୍ରହର ୧୨ଟାରେ

ବନ୍ଧୁତା କରିବା, ତେବେ କ'ଣ ହେବ ? ଏହିଭଳି ଯଦି ଆମେ ବୁଝିନେବା ଯେ ଏହା ଗ୍ରୀଷ୍ମର ସୂର୍ଯ୍ୟ ଅଟେ, ଏହା ଶୀତର ସୂର୍ଯ୍ୟ ଅଟେ, ଏହିପରି ସବୁ ବୁଝିନେଲେ ଆଉ କିଛି ଅସୁବିଧା ହେବ କି ?

ମୁଁ ପ୍ରକୃତିକୁ ଚିହ୍ନି ପାରେ, ଏଥିପାଇଁ ତୁମେ ଧକ୍କା ଲାଗିବା ପାଇଁ ଚାହିଁଲେ ବି ମୁଁ ଧକ୍କା ହେବାକୁ ଦେବିନାହିଁ, ମୁଁ ଖସି ଯିବି। ନଚେତ୍ ଏକ୍ସିଡେଣ୍ଟ (ଦୁର୍ଘଟଣା) ହୋଇଯିବ ଏବଂ ଦୁହିଁଙ୍କର ସ୍ପେୟର୍ ପାର୍ଟ୍‌ସ୍ (ଅଙ୍ଗ ପ୍ରତ୍ୟଙ୍ଗ) ଭାଙ୍ଗିଯିବ । ଯଦି କାହାର ବମ୍ପର ଭାଙ୍ଗିଯାଏ, ତେବେ ଭିତରେ ବସିଲାବାଲାର ଅବସ୍ଥା କ'ଣ ହେବ ? ବସିଲାବାଲାର ଦୁର୍ଦ୍ଦଶା ହୋଇଯିବ ନା ! ଏଣୁ ପ୍ରକୃତିକୁ ଚିହ୍ନ । ଘରେ ସମସ୍ତଙ୍କ ପ୍ରକୃତିକୁ ଚିହ୍ନିନେବା ଦରକାର ।

ଏ କଳିଯୁଗରେ ମନୁଷ୍ୟର ପ୍ରକୃତି କ୍ଷେତ ପରି ନୁହେଁ, ବଗିଚା ପରି ଅଟେ । ଗୋଟିଏ ଚମ୍ପା, ଅନ୍ୟଟି ଗୋଲାପ, ମଲ୍ଲି, ଚମେଲି ଇତ୍ୟାଦି । ଏଥିପାଇଁ ସବୁ ଫୁଲ ଲଢ଼ନ୍ତି। ଜଣେ କହିବ ମୋର ଏମିତି, ତେବେ ଅନ୍ୟ ଜଣେ କହିବ କି ମୋର ସେମିତି । ତେବେ ଜଣେ କହିବ ଯେ ତୋ ଦେହରେ କଣ୍ଟା ଅଛି, ଯା ପଳା, ତୋ ସାଙ୍ଗରେ କିଏ ଛିଡ଼ା ହେବ ? ଏପରି ଝଗଡ଼ା ଚାଲିଥାଏ ।

## କାଉଣ୍ଟର୍ ପୁଲିର କରାମତି

ଆମକୁ ପ୍ରଥମେ ନିଜର ମତ ରଖିବା ଉଚିତ୍ ନୁହେଁ । ସାମ୍ନାବ୍ୟକ୍ତିକୁ ପଚାରିବା ଦରକାର ଯେ ତୁମେ ଏ ବିଷୟରେ କ'ଣ କହିବାକୁ ଚାହୁଁଛ ? ସାମ୍ନାବ୍ୟକ୍ତି ନିଜ କଥାରେ ଅଟଳ ରହିଲେ, ମୁଁ ମୋ କଥା ଛାଡ଼ିଦିଏ । ଆମକୁ ତ ଏତିକି ଦେଖିବାର ଅଛି ଯେ କେମିତି ବି ହେଉ, ସାମ୍ନାବ୍ୟକ୍ତିକୁ ଦୁଃଖ ନ ହେଉ । ନିଜର ଅଭିପ୍ରାୟକୁ ସାମ୍ନାବ୍ୟକ୍ତି ଉପରେ ଲଦିଦେବା ଉଚିତ ନୁହେଁ। ସାମ୍ନାବ୍ୟକ୍ତିର ଅଭିପ୍ରାୟ ନିଜକୁ ସ୍ୱୀକାର କରିନେବା ଉଚିତ୍ । ମୁଁ ତ ସମସ୍ତଙ୍କ ଅଭିପ୍ରାୟକୁ ଆପଣେଇ 'ଜ୍ଞାନୀ' ହୋଇଛି । ମୁଁ ନିଜର ଅଭିପ୍ରାୟ କାହାରି ଉପରେ ଲଦିବାକୁ ଗଲେ ମୁଁ ହିଁ ଦୁର୍ବଳ ହୋଇଯିବି ? ନିଜ ଅଭିପ୍ରାୟ ଦ୍ୱାରା ଅନ୍ୟ କାହାକୁ ଦୁଃଖ ହେବା ଉଚିତ୍‌ନୁହେଁ।

ତୁମର 'ରିଭୋଲ୍ୟୁସନ୍' (ଘୂର୍ଣ୍ଣନ) ୧୮୦୦ ହୋଇଥିବ ଓ ସାମ୍ନାବ୍ୟକ୍ତିର ୬୦୦ ହୋଇଥିବ ଆଉ ତୁମେ ଯଦି ନିଜର ଅଭିପ୍ରାୟ ତା'ଉପରେ ଲଦିଦେବ,

ତେବେ ତା'ର 'ଇଞ୍ଜିନ୍' ଭାଙ୍ଗିଯିବ । ତା'ର ସବୁ 'ଗିଅର' ବଦଳାଇବାକୁ ପଡ଼ିବ ।

**ପ୍ରଶ୍ନକର୍ତ୍ତା :** 'ରିଭୋଲ୍ୟୁସନ୍' ମାନେ କ'ଣ ?

**ଦାଦାଶ୍ରୀ :** ଏହି ଯେଉଁ ଭାବିବାର ସ୍ପିଡ୍ (ବେଗ), ତାହା ସମସ୍ତଙ୍କର ଅଲଗା-ଅଲଗା ଅଟେ । କିଛି ଘଟି ଯାଇଥିଲେ ତ ମନ ଗୋଟିଏ ମିନିଟ୍‌ରେ କେତେ କ'ଣ ଦେଖାଇ ଦିଏ, ତାହାର ସମସ୍ତ ପର୍ଯ୍ୟାୟ 'ଏଟ୍ ଏ ଟାଇମ୍' (ଏକ ସମୟରେ) ଦେଖାଇଦିଏ । ଏହି ବଡ଼ ବଡ଼ ପ୍ରେସିଡେଣ୍ଟମାନଙ୍କର ଏକ ମିନିଟ୍‌ରେ ବାରଶହ 'ରିଭୋଲ୍ୟୁସନ୍' ହୁଏ ଆଉ ମୋର ପାଞ୍ଚହଜାର ଏବଂ ଭଗବାନ ମହାବୀରଙ୍କର ଲକ୍ଷେ 'ରିଭୋଲ୍ୟୁସନ' ହେଉଥିଲା !

ଏହି ମତଭେଦ ହେବାର କାରଣ କ'ଣ ? ଆପଣଙ୍କ ପତ୍ନୀର ଯଦି ଶହେ 'ରିଭୋଲ୍ୟୁସନ୍' ଅଛି ଆଉ ଆପଣଙ୍କର ପାଞ୍ଚଶହ 'ରିଭୋଲ୍ୟୁସନ୍' ଏବଂ ଆପଣଙ୍କୁ ମଝିରେ 'କାଉଣ୍ଟର୍ ପୁଲି' (ସମତୁଲ୍ୟକାରୀ) ରଖିବା ଜଣା ନାହିଁ, ସେଥିପାଇଁ ମତଭେଦ ହୋଇ ଝଗଡ଼ା ହୋଇଥାଏ । ଆରେ ! କେବେ କେବେ ତ ଇଞ୍ଜିନ୍ ମଧ୍ଯ ଭାଙ୍ଗି ଯାଇଥାଏ । 'ରିଭୋଲ୍ୟୁସନ୍' କ'ଣ ବୁଝିପାରିଲେ ? ଆପଣ ଏହି ମଜୁରିଆ ସହ କଥା ହେବେ ତ ଆପଣଙ୍କ କଥା ତା' ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । କାରଣ ତା'ର 'ରିଭୋଲ୍ୟୁସନ' ପଚାଶ ଏବଂ ଆପଣଙ୍କର ପାଞ୍ଚଶହ । କାହାର ହଜାରେ, କାହାର ବାରଶହ, ଯେପରି ଯାହାର ଡେଭଲପ୍‌ମେଣ୍ଟ (ବିକାଶ) ହୋଇଥିବ, ସେହି ଅନୁସାରେ 'ରିଭୋଲ୍ୟୁସନ୍' ହୋଇଥାଏ । ମଝିରେ 'କାଉଣ୍ଟର୍ ପୁଲି' ବ୍ୟବହାର କଲେ, ତେବେ ତା' ପର୍ଯ୍ୟନ୍ତ ଆପଣଙ୍କ କଥା ପହଞ୍ଚିବ । 'କାଉଣ୍ଟର୍ ପୁଲି' ଅର୍ଥାତ୍ ଆପଣଙ୍କୁ ମଝିରେ ବେଲ୍ଟ ଲଗାଇ ରିଭୋଲ୍ୟୁସନ୍‌କୁ କମ୍ କରିବାକୁ ପଡ଼ିବ । ମୁଁ ପ୍ରତିଟି ମଣିଷ ସହ ବ୍ୟବହାର କରିବା ବେଳେ ତାଙ୍କ ଅନୁସାରେ 'କାଉଣ୍ଟର୍ ପୁଲି' ବ୍ୟବହାର କରେ । କେବଳ ଅହଂକାରକୁ ବାହାର କରିଦେଲେ ହିଁ କାମ ହେବ, ଏପରି ନୁହେଁ । 'କାଉଣ୍ଟର୍ ପୁଲି' ମଧ୍ଯ ସମସ୍ତଙ୍କ ସହିତ ଲଗାଇବାକୁ ପଡ଼େ । ଏଥିପାଇଁ ମୋର କାହା ସହିତ ମତଭେଦ ହୁଏ ନାହିଁ ! ମୁଁ ଜାଣେ ଯେ ଏହି ଭାଇଙ୍କର ଏତିକି ହିଁ 'ରିଭୋଲ୍ୟୁସନ୍' ଅଛି । ଏଥିପାଇଁ ମୁଁ ସେହି ଅନୁସାରେ 'କାଉଣ୍ଟର୍ ପୁଲି' ବ୍ୟବହାର କରେ । ମୋର ତ ଛୋଟ ପିଲାଙ୍କ ସହିତ ମଧ୍ଯ ଖୁବ୍

ଜମିଯାଏ । କାରଣ ମୁଁ ସେମାନଙ୍କ ସହିତ ଚାଳିଶ ରିଭୋଲ୍ୟୁସନ୍ ଲଗାଇ କଥା ହୁଏ । ଏଥିପାଇଁ ମୋ' କଥା ସେମାନଙ୍କ ପାଖରେ ପହଞ୍ଚିଥାଏ, ନଚେତ୍ ସେମାନଙ୍କ 'ମେସିନ୍' ଭାଙ୍ଗିଯିବ।

**ପ୍ରଶ୍ନକର୍ତ୍ତା :** ତେବେ କ'ଣ ସମ୍ମୁଖ ବ୍ୟକ୍ତିର ଲେବଲ୍ (ମାନସିକ ସ୍ତର)କୁ ଆସିଲେ ହିଁ କଥାବାର୍ତ୍ତା କରିହେବ ?

**ଦାଦାଶ୍ରୀ :** ହଁ, ତା'ର ରିଭୋଲ୍ୟୁସନ୍‌କୁ ଆସି ସାରିବା ପରେ ହିଁ କଥା ହୋଇପାରିବ । ଆପଣଙ୍କ ସହିତ କଥା ହେବା ବେଳେ ମୋର ରିଭୋଲ୍ୟୁସନ୍ କେଉଁଠୁ କେଉଁ ପର୍ଯ୍ୟନ୍ତ ବୁଲି ଆସେ ! ସମଗ୍ର ସଂସାର ବୁଲି ଆସେ ! ଆପଣଙ୍କୁ 'କାଉଣ୍ଟର୍ ପୁଲି' ଲଗାଇ ଆସୁନାହିଁ, ସେଥିରେ କମ୍ 'ରିଭୋଲ୍ୟୁସନ୍'ବାଲା ଇଞ୍ଜିନ୍‌ର କ'ଣ ଦୋଷ ? ତାହା ତ ଆପଣଙ୍କର ଦୋଷ ଯେ ଆପଣଙ୍କୁ 'କାଉଣ୍ଟର୍ ପୁଲି' ଲଗାଇବା ଆସୁନାହିଁ !

## ଫ୍ୟୁଜ୍ ଲଗାଇବା ଶିଖ

ଏତିକି ଜାଣିଯାଅ ଯେ ଏ 'ମେସିନ'ଟି କିପରି ! ତାହାର 'ଫ୍ୟୁଜ୍' ଯଦି ଉଡ଼ିଯାଏ ତେବେ ଫ୍ୟୁଜ୍ କିପରି ଲଗାଇବାକୁ ପଡ଼ିବ। ସମ୍ମୁଖ ବ୍ୟକ୍ତିର ପ୍ରକୃତି ସହ 'ଏଡ଼ଜଷ୍ଟ' ହେବା ଜଣାଥିବା ଦରକାର। ମୋର ତ, ଯଦି ସାମ୍ନାବ୍ୟକ୍ତିର 'ଫ୍ୟୁଜ୍' ଉଡ଼ିଯାଏ, ତେବେ ମଧ୍ୟ 'ଏଡ଼ଜଷ୍ଟମେଣ୍ଟ' ହୋଇଥାଏ । କିନ୍ତୁ ଯଦି ସମ୍ମୁଖ ବ୍ୟକ୍ତି 'ଏଡ଼ଜଷ୍ଟମେଣ୍ଟ' କରି ନ ପାରେ ତେବେ କ'ଣ ହେବ ? 'ଫ୍ୟୁଜ୍' ଉଡ଼ିଗଲା, ତେବେ ସେ କାନ୍ଥରେ ବାଡ଼େଇ ହେବ, କବାଟରେ ବାଡ଼େଇ ହେବ, କିନ୍ତୁ ତାର କଟି ନ ଥାଏ, କନେକ୍‌ସନ୍ କଟି ନ ଥାଏ । ସେଥିପାଇଁ କେହି ଯଦି ଫ୍ୟୁଜ୍‌ଲଗାଇ ଦିଏ ତେବେ ସବୁ ଠିକ୍ ହୋଇଯିବ, ନଚେତ୍ ସେ ପର୍ଯ୍ୟନ୍ତ ଫସି ରହିବ।

## ଜୀବନ ଛୋଟ ଆଉ ଜଞ୍ଜାଳ ଅଧିକ

ସବୁଠୁ ବଡ଼ ଦୁଃଖ କ'ଣ ? 'ଡ଼ିସ୍-ଏଡ଼ଜଷ୍ଟମେଣ୍ଟ' (ଏଡ଼ଜଷ୍ଟମେଣ୍ଟ ନ ହେବା) । ସେଠାରେ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' କରିନେଲେ କ'ଣ ଅସୁବିଧା ଅଛି ?

**ପ୍ରଶ୍ନକର୍ତ୍ତା :** ସେଥିରେ ତ ପୁରୁଷାର୍ଥ ଆବଶ୍ୟକ ।

**ଦାଦାଶ୍ରୀ :** ପୁରୁଷାର୍ଥର କୌଣସି ଆବଶ୍ୟକତା ନାହିଁ । ମୋର ଆଜ୍ଞାର ପାଳନ କର ଯେ ଦାଦାଜୀ କହିଥିଲେ, 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର', ତେବେ 'ଏଡ଼ଜଷ୍ଟ' ହୋଇଚାଲିବ । ସ୍ତ୍ରୀ ଯଦି କହେ, 'ତୁମେ ଚୋର' । ତେବେ ତୁମେ କୁହ 'ୟୁ ଆର୍ କରେକ୍ଟ' । ସ୍ତ୍ରୀ ଯଦି ଦେଢ଼ଶହ ଟଙ୍କାର ଶାଢ଼ୀ ଆଣିବାକୁ କୁହେ, ଆପଣ ପଚିଶ ଟଙ୍କା ଅଧିକ ଦିଅନ୍ତୁ ତେବେ ଛଅମାସ ଯାଏ ଶାନ୍ତି !

ଏପରିକି, ବ୍ରହ୍ମାଙ୍କର ଗୋଟିଏ ଦିନ, ସେତିକି ଆମର ସାରା ଜୀବନ ! ବ୍ରହ୍ମାଙ୍କର ଗୋଟିଏ ଦିନ ସମାନ ଜୀବନ ଆଉ ଏହା କି ଜଞ୍ଜାଳ ? ଯଦି ବ୍ରହ୍ମାଙ୍କର ଶହେ ବର୍ଷ ବଞ୍ଚିବାକୁ ହୋଇଥାନ୍ତା, ତେବେ ବୁଝନ୍ତୁ ଯେ, 'ଠିକ୍ ଅଛି । ଏଡ଼ଜଷ୍ଟ କାହିଁକି ହେବା ?' 'ଦାବୀ କର' କହିବା । କିନ୍ତୁ ଆମକୁ ତ ସଂସାରର କର୍ମ ଶୀଘ୍ର ସାରିବାର ଅଛି, ଏଥିପାଇଁ କ'ଣ କରିବା ଦରକାର ? 'ଏଡ଼ଜଷ୍ଟ' ହୋଇଯିବା ନା ପୁଣି 'ଦାବୀ ସାବ୍ୟସ୍ତ କର' କହିବା ? କିନ୍ତୁ ଏହା ତ ଗୋଟିଏ ଦିନ, ଏହାକୁ ଜଲ୍‌ଦି ଶେଷ କରିବାର ଅଛି । ଯେଉଁ କାର୍ଯ୍ୟ ଜଲ୍‌ଦି ସମାପ୍ତ କରିବାର ଅଛି, ତାହାକୁ କ'ଣ କରିବାକୁ ହେବ ? 'ଏଡ଼ଜଷ୍ଟ' ହୋଇ ଛୋଟ କରିଦେବା ଦରକାର, ନଚେତ୍ ବଢ଼ିବ ନା ନାହିଁ ? ସ୍ତ୍ରୀ ସହ ଝଗଡ଼ା କଲାପରେ ରାତ୍ରିରେ କ'ଣ ଭଲ ନିଦ ଆସିବ ? ଆଉ ସକାଳେ ଭଲ ଜଳଖିଆ ମଧ୍ୟ ମିଳିବ ନାହିଁ ।

## ଆପଣାଅ ଜ୍ଞାନୀଙ୍କର ଜ୍ଞାନକଳା !

କୌଣସି ଦିନ ସ୍ତ୍ରୀ ଯଦି କହେ 'ମୋତେ ସେ ଶାଢ଼ୀଟା ଆଣି ଦେବ କି ନାହିଁ ? ମୋତେ ସେ ଶାଢ଼ୀଟା ଆଣିଦେବାକୁ ହେବ ।' ସେତେବେଳେ ସ୍ୱାମୀ ଯଦି ପଚାରିବ, 'ତୁମେ କେତେ ଟଙ୍କାର ଶାଢ଼ୀ ଦେଖିଥିଲ ?' ସ୍ତ୍ରୀ କହିବ, 'ବାଇଶିଶହ ଟଙ୍କା, ଅଧିକ ନୁହେଁ ।' ସେତେବେଳେ ସ୍ୱାମୀ କହିବ, 'ତୁ ବାଇଶିଶହ କହୁଛୁ କିନ୍ତୁ ମୁଁ ଏବେ ଏତେ ଟଙ୍କା କିପରି ଆଣିବି ? ଏବେ ଟଙ୍କା ଯୋଗାଡ଼ ହୋଇ ପାରୁ ନାହିଁ, ଦୁଇଶହ-ତିନିଶହ ଟଙ୍କାର ହୋଇଥିଲେ ଆଣି ଦେଇଥାନ୍ତି, କିନ୍ତୁ ତୁ ତ ବାଇଶିଶହ କହୁଛୁ ।' ସେ ରଷିକରି ବସି ରହିବ, ଏବେ ପୁଣି କ'ଣ ଦଶା ହେବ ! ମନରେ ଏମିତି ବି ହୁଏ କି ଆରେ, ଏହା ଅପେକ୍ଷା ବିବାହ ନ କରିଥିଲେ ଭଲ

ହୋଇଥାନ୍ତା । ବିବାହ ପରେ ପଶ୍ଚାତାପ କରିବା, ତାହା କେଉଁ କାମରେ ? ଅର୍ଥାତ୍ ଏମିତି ସବୁ ଦୁଃଖ ।

**ପ୍ରଶ୍ନକର୍ତ୍ତା :** ଆପଣ ଏପରି କହିବାକୁ ଚାହୁଁଛନ୍ତି ଯେ ସ୍ତ୍ରୀକୁ ବାଇଶିଶହ ଟଙ୍କାରେ ଶାଢ଼ୀ କିଣି ଦେବା ଦରକାର ?

**ଦାଦାଶ୍ରୀ :** ଦେବା ନ ଦେବା, ତାହା ଆପଣଙ୍କ ଉପରେ ନିର୍ଭର କରେ । ପ୍ରତିଦିନ ରାତିରେ ରଷିକରି 'ରୋଷେଇ କରିବି ନାହିଁ' ବୋଲି ଯଦି କହିବ, ସେତେବେଳେ ଆପଣ କ'ଣ କରିବେ ? ରୋଷେଇଆ କେଉଁଠୁ ଆଣିବେ ? ଏଥିପାଇଁ ତ ପୁଣି କରଜ କରି ଶାଢ଼ୀ ଦେବାକୁ ପଡିବ ନା ?

ଆପଣ ଏମିତି କିଛି କରିଦିଅନ୍ତୁ ଯେମିତି ସେ ନିଜେ ହିଁ ଶାଢ଼ୀ ଆଣିବ ନାହିଁ। ଯଦି ଆପଣଙ୍କୁ ମାସରେ ଆଠ ହଜାର ଟଙ୍କା ମିଳୁଛି, ତେବେ ଆପଣ ହଜାର ଟଙ୍କା ନିଜର ପକେଟ୍ ଖର୍ଚ୍ଚ ପାଇଁ ରଖି ବାକି ସାତହଜାର ଟଙ୍କା ତାଙ୍କୁ ଦେଇ ଦିଅନ୍ତୁ । କ'ଣ ତା'ପରେ ପୁଣି ସେ କହିବ କି ଶାଢ଼ୀ ଆଣିଦିଅ ? ଓଲଟା କେବେ ଆପଣ ମଜାରେ କୁହନ୍ତୁ ଯେ 'ସେହି ଶାଢ଼ୀଟି ବହୁତ ଭଲ ଲାଗୁଥିଲା, କାହିଁକି ଆଣୁନାହଁ ?' ତାହାର ଯୋଗାଡ଼ ତା'କୁ ନିଜକୁ ହିଁ କରିବାକୁ ହେବ । ଯଦି ଯୋଗାଡ଼ ଆମକୁ କରିବାକୁ ହେବ, ତେବେ ସେ ଆମ ଉପରେ ଜୋର୍ ଲଗାଇବ। ଏହି ସମସ୍ତ କଳା ମୁଁ 'ଜ୍ଞାନ' ହେବା ପୂର୍ବରୁ ଶିଖି ଯାଇଥିଲି। ପରେ 'ଜ୍ଞାନୀ' ହେଲି। ସମସ୍ତ କଳା ମୋ ପାଖକୁ ଆସିଗଲା, ତେବେ ମୋତେ 'ଜ୍ଞାନ' ହେଲା। ଏବେ କୁହନ୍ତୁ, ଏ ସବୁ କଳା ନ ଥିବାରୁ ଦୁଃଖ ମିଳୁଛି ନା ! ଆପଣଙ୍କୁ କ'ଣ ଲାଗୁଛି ?

**ପ୍ରଶ୍ନକର୍ତ୍ତା :** ହଁ, ଠିକ୍ କଥା ।

**ଦାଦାଶ୍ରୀ :** ଏହା ଆପଣ ବୁଝି ପାରିଲେ କି ? ଏଥିରେ ଆମର ହିଁ ଭୂଲ୍ ନା ? କଳା ଜାଣି ନାହୁଁ ସେଥିପାଇଁ ନା ? କଳା ଶିଖିବା ଜରୁରୀ ଅଟେ। ଆପଣ କିଛି କହିଲେ ନାହିଁ ଯେ ? !

## କ୍ଲେଶର ମୂଳ କାରଣ : ଅଜ୍ଞାନତା

**ପ୍ରଶ୍ନକର୍ତ୍ତା :** କିନ୍ତୁ କ୍ଲେଶ ହେବାର କାରଣ କ'ଣ ? ସ୍ୱଭାବ ମିଶେ ନାହିଁ, ଏଥିପାଇଁ ?

**ଦାଦାଶ୍ରୀ :** ଅଜ୍ଞାନତା ପାଇଁ । ସଂସାରର ଅର୍ଥ ହିଁ ଏହା ଯେ କାହାରି ସ୍ୱଭାବ କାହାରି ସହିତ ମିଶେ ନାହିଁ । ଏହି ଜ୍ଞାନ ପାଇବା ପରେ, ଏକମାତ୍ର ପଥ ହେଉଛି, 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ! କେହି ଆପଣଙ୍କୁ ମାରିଲେ ମଧ ଆପଣ ତା' ସହ 'ଏଡ଼ଜଷ୍ଟ' ହୋଇଯାଆନ୍ତୁ ।

ମୁଁ ଏହି ସରଳ ଏବଂ ସିଧା ମାର୍ଗ ଦେଖାଇଥାଏ । ଆଉ ଏହି ଝଗଡ଼ା କ'ଣ ପ୍ରତିଦିନ ହୁଏ ? ତାହା ତ ଯେତେବେଳେ ଆମର କର୍ମର ଉଦୟ ହୁଏ, ସେତେବେଳେ ହୋଇଥାଏ, ସେହି ସମୟରେ ଆମକୁ 'ଏଡ଼ଜଷ୍ଟ' ହୋଇଯିବାର ଅଛି । ଘରେ ପତ୍ନୀ ସହିତ ଯଦି ଝଗଡ଼ା ହୋଇଯାଏ ତ ତା'ପରେ ତାଙ୍କୁ ହୋଟେଲ୍‌କୁ ନେଇ, ଖୁଆଇ ପିଆଇ ଖୁସି କରିଦେବା ଦରକାର । ଏବେ କୌଣସି ତଂତ (ମନମାଳିନ୍ୟ) ନ ରହିବା ଉଚିତ ।

ସଂସାରର କୌଣସି ବସ୍ତୁ ଆମକୁ ଫିଟ୍ (ଏଡ଼ଜଷ୍ଟ) ହେବ ନାହିଁ । ଆମେ ସେହି ବସ୍ତୁ ସହ ନିଜେ ଫିଟ୍ ହୋଇଗଲେ ଦୁନିଆ ସୁନ୍ଦର ଅଟେ, ଆଉ ଆମେ ଯଦି ତାହାକୁ ଫିଟ୍ କରିବାକୁ ଯିବା ତେବେ ଦୁନିଆ ତେଢ଼ା ଅଟେ । ଏଥିପାଇଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' । ଆମେ ସେଥିରେ ଫିଟ୍ ହୋଇଗଲେ କୌଣସି ଅସୁବିଧା ରହିବ ନାହିଁ ।

## ଦାଦାଜୀ, ପୂର୍ଣ୍ଣତଃ ଏଡ଼ଜଷ୍ଟେବଲ୍

ଥରେ ଦହିକଡ଼ି ଭଲ ହୋଇଥିଲା କିନ୍ତୁ ଟିକିଏ ଅଧିକ ଲୁଣିଆ ହୋଇଯାଇଥିଲା । ଏଥିପାଇଁ ମୋତେ ଲାଗିଲା ଯେ ଏହା ଲୁଣିଆ ହୋଇଛି, କିନ୍ତୁ ଅଳ୍ପ ହେଉ ପଛେ ଖାଇବାକୁ ତ ପଡ଼ିବ ନା ! ସେଥିପାଇଁ ଯେତେବେଳେ ହୀରାବା (ଦାଦାଜୀଙ୍କ ପତ୍ନୀ) ଘର ଭିତରକୁ ଗଲେ, ସେହି ସମୟରେ ମୁଁ ଟିକିଏ ପାଣି ମିଶାଇ ଦେଲି । ସେ ଏହା ଦେଖିଦେଲେ, ଏବଂ କହିଲେ 'ଏ କ'ଣ କଲ ?' ମୁଁ କହିଲି, 'ତୁମେ ଚୁଲି ଉପରେ ରଖି ପାଣି ଢ଼ାଳ, ମୁଁ ଏଠି ତଳେ ଢାଳିଦିଏ' । ତା'ପରେ ସେ କହିଲେ, 'କିନ୍ତୁ ମୁଁ ତ ପାଣି ମିଶାଇ ତାହାକୁ ଫୁଟାଇଥାଏ' । ମୁଁ କହିଲି 'ମୋ ପାଇଁ ଉଭୟ ସମାନ ।' ମୋର ତ କାମ ହୋଇଯିବା ଦରକାର !

ଆପଣ ମୋତେ ଏଗାରଟା ସମୟରେ ଯଦି କୁହନ୍ତି, 'ଆପଣଙ୍କୁ ଭୋଜନ କରିନେବାକୁ ହେବ।' ମୁଁ କହେ କି 'ଟିକେ ବିଳମ୍ବରେ ଖାଇଲେ ଚଳିବ ନାହିଁ ?' ସେତେବେଳେ ଆପଣ କୁହନ୍ତୁ କି 'ନା, ଭୋଜନ କରିନିଅ, ତ କାମ ସରିଯିବ'। ତେବେ ମୁଁ ଅବିଳମ୍ବେ ଖାଇବାକୁ ବସି ପଡ଼ିବି । ମୁଁ ଆପଣଙ୍କ ସହ 'ଏଡ଼ଜଷ୍ଟ' ହୋଇଯିବି ।

ଯାହାବି ଥାଳିରେ ମିଳୁଛି ତାହା ଖାଇନିଅ । ଯାହା ସାମ୍ନାରେ ଆସିଲା, ତାହା ସଂଯୋଗ ଅଟେ ଏବଂ ଭଗବାନ କହିଛନ୍ତି ସଂଯୋଗକୁ ଯଦି ଧକ୍କା ଦେବ ତେବେ ସେହି ଧକ୍କା ତୁମକୁ ଲାଗିବ। ସେଥିପାଇଁ ମୋ ଥାଳିରେ ମୋତେ ରୁଚୁ ନ ଥିବା ଖାଦ୍ୟ ରହିଥିଲେ ମଧ୍ୟ, ତଥାପି ସେଥିରୁ ଦୁଇଟା ଖାଇନିଏ। ଯଦି ନ ଖାଅ, ତେବେ ଦୁଇଜଣଙ୍କ ସହ ଝଗଡ଼ା ହେବ । ପ୍ରଥମରେ, ଯିଏ ରୋଷେଇ କରିଛି ତା' ସହ ମନାନ୍ତର ହେବ ଏବଂ ଦ୍ୱିତୀୟରେ, ଖାଇବାକୁ ଥିବା ଖାଦ୍ୟ ସହ ତିରଷ୍କାର ହେବ । ଖାଦ୍ୟ କହିବ ଯେ, 'ମୁଁ କ'ଣ ଅପରାଧ କଲି ? ମୁଁ ତୋ ନିକଟକୁ ଆସିଛି, ତୁ ମୋର ଅପମାନ କାହିଁକି କରୁଛୁ? ତୋତେ ଯେତିକି ଠିକ୍ ଲାଗୁଛି ସେତିକି ନେ, କିନ୍ତୁ ମୋର ଅପମାନ କରନା।' ଏବେ କୁହନ୍ତୁ ଆମକୁ ତାହାର ସମ୍ମାନ କରିବା କଥା କି ନୁହେଁ? ମୋତେ ତ କେହି ଅରୁଚିକର ଖାଦ୍ୟ ଦେଲେ ମଧ୍ୟ ମୁଁ ତାହାକୁ (ଖାଦ୍ୟକୁ) ସମ୍ମାନ ଦେଇଥାଏ । କାରଣ ପ୍ରଥମତଃ ବିନା କାରଣରେ ଆମକୁ କିଛି ମଧ୍ୟ ମିଳେ ନାହିଁ, ଆଉ ଯଦି ମିଳୁଥାଏ ତାହାର ସମ୍ମାନ କରିବା ଉଚିତ୍ । ଆପଣଙ୍କୁ କିଛି ଖାଇବାକୁ ଦିଆଗଲା ଆଉ ଆପଣ ସେଥିରୁ ଦୋଷ ବାହାର କଲେ, ଏଥିରେ ଅପଣଙ୍କ ସୁଖ କମିବ ନା ବଢ଼ିବ ?

ଯେଉଁଥି ପାଇଁ ତୁମର ସୁଖ କମି ଯାଉଛି ସେହିପରି ବ୍ୟାପାର କରିବା ଉଚିତ୍ର ନୁହେଁ ନା ! ମୁଁ ତ ଅନେକ ଥର ମୋ ପସନ୍ଦର ତରକାରି ହୋଇ ନ ଥାଏ, ତଥାପି ମଧ୍ୟ ଖାଇଦିଏ ଏବଂ ପ୍ରଶଂସା ମଧ୍ୟ କରେ ଯେ ଆଜି ତରକାରି ବହୁତ ବଢ଼ିଆ ହୋଇଛି

ଆରେ, ଅନେକ ଥର ଚାହାରେ ଚିନି ନଥାଏ, ତଥାପି ମଧ୍ୟ ମୁଁ କିଛି କୁହେ ନାହିଁ । ସେତେବେଳେ ଲୋକେ କୁହନ୍ତି ଯେ, 'ଏପରି କଲେ ଘରେ ସବୁକିଛି ବିଗିଡ଼ି ଯିବ।' ମୁଁ କହିଲି, 'ଆପଣ କାଲି ଦେଖିବେ, କ'ଣ ହେଉଛି ?'

ପରଦିନ ଶୁଣିବାକୁ ମିଳିଲା ଯେ, 'କାଲି ଚାହାରେ ଚିନି ପଡ଼ି ନଥିଲା ତଥାପି ତୁମେ ମୋତେ କିଛି କହିଲ ନାହିଁ?' ମୁଁ କହିଲି, 'ମୋର କହିବାର କ'ଣ ଆବଶ୍ୟକତା ଥିଲା? ତୁମେ ଜାଣି ପାରିବ ନା! ତୁମେ ପିଉ ନଥିଲେ, ମୋତେ କହିବାକୁ ପଡ଼ିଥାନ୍ତା। ତୁମେ ତ ପିଅ, ପୁଣି ମୋର କହିବା କ'ଣ ଦରକାର?!'

**ପ୍ରଶ୍ନକର୍ତ୍ତା :** କିନ୍ତୁ କେତେ ଜାଗୃତି ରଖିବାକୁ ପଡ଼େ, କ୍ଷଣେ କ୍ଷଣେ!

**ଦାଦାଶ୍ରୀ :** ପ୍ରତିକ୍ଷଣ, ୨୪ ଘଣ୍ଟା ଜାଗୃତି, ତା'ପରେ ଯାଇ ଏହି 'ଜ୍ଞାନ' ଆରମ୍ଭ ହେଲା, ଏହି 'ଜ୍ଞାନ' ଏମିତି ସହଜରେ ପ୍ରାପ୍ତି ହୋଇ ନାହିଁ ! ଅର୍ଥାତ୍ ପୂର୍ବରୁ ଏହିପରି ସବୁ 'ଏଡ଼ଜଷ୍ଟମେଣ୍ଟ' ନେଇଥିଲି । ଯେତେ ସମ୍ଭବ, କ୍ଲେଶ ହେବାକୁ ଦେଇ ନାହିଁ।

ଥରେ ମୁଁ ଗାଧୋଇବାକୁ ଗଲି, ଆଉ ଦେଖିଲି ଡାଳ ରଖିବା ଭୁଲିଗଲେ। ଏବେ ଯଦି ମୁଁ ଏଡ଼ଜଷ୍ଟ ନ କରେ, ତେବେ ମୁଁ କି ଜ୍ଞାନୀ ? ମୁଁ ଏଡ଼ଜଷ୍ଟ କରିନିଏ । ହାତ ଲଗାଇବାରୁ ଜାଣିଲି ପାଣି ବହୁତ ଗରମ। ନଳ ଖୋଲି ଦେଖିଲି ଟାଙ୍କି ଖାଲି । ସେଇଠୁ ମୁଁ ଧୀରେ-ଧୀରେ ଆଞ୍ଜୁଳା-ଆଞ୍ଜୁଳା ପାଣି ନେଇ ଥଣ୍ଡା କରି ଗାଧେଇଲି । ସମସ୍ତ ମହାତ୍ମାମାନେ କହିଲେ 'ଆଜି ଦାଦାଜୀଙ୍କୁ ସ୍ନାନ କରିବାକୁ ବହୁତ ସମୟ ଲାଗିଲା।' ତେବେ କ'ଣ କରାଯିବ? ପାଣି ଥଣ୍ଡା ହେଲେ ତ ଗାଧେଇବି? ମୁଁ କାହାରିକୁ ବି 'ଏଇଟା ଆଣ ଓ ସେଇଟା ଆଣ।' ଏପରି କୁହେ ନାହିଁ। ଏଡ଼ଜଷ୍ଟ ହୋଇଯାଏ । ଏଡ଼ଜଷ୍ଟ ହୋଇଯିବା ହିଁ ଧର୍ମ । ଏହି ଦୁନିଆରେ ତ ପ୍ଲସ-ମାଇନସ୍ କରି ଏଡ଼ଜଷ୍ଟମେଣ୍ଟ ନେବାକୁ ହୁଏ । ମାଇନସ୍ ହୋଇଥିଲେ ସେଠି ପ୍ଲସ୍ ଓ ପ୍ଲସ୍ ହୋଇଥିଲେ ସେଠି ମାଇନସ୍ କରିବାକୁ ପଡ଼ିଥାଏ । ମୋର ହୋସିୟାରୀକୁ କେହି ଯଦି ପାଗଳାମି କୁହେ ତେବେ ମୁଁ କହିବି, 'ହଁ, ଠିକ୍ ଅଛି' ତୁରନ୍ତ ତାହାକୁ ମାଇନସ୍ କରିଦିଏ ।

ଯାହାକୁ ଏଡ଼ଜଷ୍ଟ ହେବା ନ ଆସେ, ସେହି ମନୁଷ୍ୟକୁ ମନୁଷ୍ୟ ବୋଲି କେମିତି କହିବା? ଯିଏ ସଂଯୋଗର ବଶ ହୋଇ ଏଡ଼ଜଷ୍ଟ ହୋଇଯାଏ, ସେହି ଘରେ କୌଣସି ଝଞ୍ଜଟ ହେବ ନାହିଁ । ମୁଁ ମଧ୍ୟ ହୀରାବା (ଦାଦାଜୀଙ୍କ ପତ୍ନୀ) ସହିତ ଏଡ଼ଜଷ୍ଟ ହୋଇଥିଲି! ତାଙ୍କର ଲାଭ ଉଠାଇବାର ଅଛି ତ ଏଡ଼ଜଷ୍ଟ ହୋଇଯାଅ।

ଏଥିରେ ଲାଭ ତ କିଛି ନାହିଁ, ଓଲଟା ଶତ୍ରୁତା (କର୍ମ) ବାନ୍ଧିବା, ତାହା ଅଲଗା। କାରଣ ପ୍ରତ୍ୟେକ ଜୀବ ସ୍ୱତନ୍ତ୍ର ଅଟେ ଏବଂ ନିଜେ ସୁଖ ଖୋଜିବାକୁ ଆସିଥାଏ। ସେ ଅନ୍ୟକୁ ସୁଖ ଦେବାକୁ ଆସି ନଥାଏ । ଏବେ, ତା'କୁ ସୁଖ ବଦଳରେ ଦୁଃଖ ମିଳିଲେ ସେ ଶତ୍ରୁତା ବାନ୍ଧେ, ସେତେବେଳେ ସେ ସ୍ତ୍ରୀ ହେଉ ବା ପୁଅ ହୋଇଥାଉ ।

**ପ୍ରଶ୍ନକର୍ତ୍ତା :** ସୁଖ ଖୋଜିବାକୁ ଆସି ଦୁଃଖ ମିଳିଲେ, ସେଇଠୁ ଶତ୍ରୁତା ବାନ୍ଧେ ?

**ଦାଦାଶ୍ରୀ :** ହଁ, ସେ ତ ସେଇଠୁ ଭାଇ ହୁଅନ୍ତୁ କିମ୍ବା ବାପା ହୁଅନ୍ତୁ, କିନ୍ତୁ ସେ ଭିତରେ ଭିତରେ ସେହି କଥାକୁ ନେଇ ଶତ୍ରୁତା ବାନ୍ଧେ। ଏହି ସମଗ୍ର ସଂସାର ଏହିପରି ଅଟେ, ଶତ୍ରୁତା ହିଁ ବାନ୍ଧିଥାଆନ୍ତି ! ସ୍ୱ-ଧର୍ମରେ କାହାରି ସହ ଶତ୍ରୁତା ହୁଏ ନାହିଁ।

ପ୍ରତ୍ୟେକ ବ୍ୟକ୍ତିର ଜୀବନରେ କିଛି ପ୍ରିନ୍‌ସିପଲ୍ (ସିଦ୍ଧାନ୍ତ) ରହିବା ଆବଶ୍ୟକ । ତଥାପି ସଂଯୋଗ ଅନୁସାରେ ବ୍ୟବହାର କରିବା ଉଚିତ୍ । ସଂଯୋଗ ସହିତ ଏଡ଼ଜଷ୍ଟ ହୋଇଯାଏ, ସେ ମନୁଷ୍ୟ ଅଟେ । ଯଦି ପ୍ରତ୍ୟେକ ସଂଯୋଗରେ ଏଡ଼ଜଷ୍ଟମେଣ୍ଟ ନେବା ଆସିଯାଏ ତେବେ ନିଶ୍ଚିତ ମୋକ୍ଷକୁ ପ୍ରାପ୍ତି କରିହେବ, ଏହା ଏପରି ଏକ ଆଶ୍ଚର୍ଯ୍ୟଜନକ ଅସ୍ତ୍ର ଅଟେ।

ଏହି ଦାଦାଜୀ ସୂକ୍ଷ୍ମ ବିଚାର ସମ୍ପନ୍ନ ଅଟନ୍ତି, ମିତବ୍ୟୟୀ ମଧ୍ୟ ଏବଂ ଉଦାର ମଧ୍ୟ ଅଟନ୍ତି । ସମ୍ପୂର୍ଣ୍ଣ ରୂପେ ଉଦାର ଅଟନ୍ତି। ତଥାପି 'କମ୍ପ୍ଲିଟ୍ ଏଡ଼ଜଷ୍ଟେବଲ୍'। ଅନ୍ୟ ପାଇଁ ଉଦାର, ନିଜ ପାଇଁ ମିତବ୍ୟୟୀ ଏବଂ ଉପଦେଶ ଦେବା ସମୟରେ ସୂକ୍ଷ୍ମ ବିଚାର ସମ୍ପନ୍ନ । ଏଥିପାଇଁ ସମ୍ମୁଖ ବ୍ୟକ୍ତିକୁ ମୋର ଗଭୀର ସୂକ୍ଷ୍ମ ବିଚାର ସମ୍ପନ୍ନ ବ୍ୟବହାର ଦେଖାଯାଏ । ମୋର ଇକୋନୋମୀ (ଅର୍ଥନୀତି) ଏଡ଼ଜଷ୍ଟେବଲ୍ ହୋଇଥାଏ, ଟପ୍‌ମୋଷ୍ଟ (ସର୍ବୋଚ୍ଚ) ହୋଇଥାଏ । ମୁଁ ତ ପାଣିର ବ୍ୟବହାର ମଧ୍ୟ ଜଗିରଖି (ମିତବ୍ୟୟ) କରିଥାଏ । ମୋର ପ୍ରାକୃତିକ ଗୁଣ ସହଜ ଭାବର ହୋଇଥାଏ ।

## ନଚେତ୍ ବ୍ୟବହାରିକ ସମସ୍ୟା ଅଟକାଇବ

ପ୍ରଥମେ ଏହି ବ୍ୟବହାର ଶିଖିବାର ଅଛି। ବ୍ୟବହାର କିପରି କରିବାକୁ ହୁଏ ନ ଜାଣିବା ହେତୁ ଲୋକେ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହୁଅନ୍ତି ।

**ପ୍ରଶ୍ନକର୍ତ୍ତା :** ଆଧ୍ୟାତ୍ମ ସମ୍ବନ୍ଧୀୟ ଆପଣଙ୍କ କଥା ବିଷୟରେ ତ କ'ଣ କହିବା, କିନ୍ତୁ ବ୍ୟବହାରରେ ଆପଣଙ୍କ କଥା ମଧ୍ୟ 'ଟପ'(ସର୍ବୋଚ୍ଚ) ଅଟେ।

**ଦାଦାଶ୍ରୀ :** କଥା କ'ଣ କି, ବ୍ୟବହାରର 'ଟପ୍'କୁ ନବୁଝି କେହି ମୋକ୍ଷକୁ ଯାଇ ନାହାନ୍ତି। କେତେ ବି ମୂଲ୍ୟବାନ, ବାର ଲକ୍ଷର ଆତ୍ମଜ୍ଞାନ ଥାଉ, କିନ୍ତୁ ବ୍ୟବହାର କ'ଣ ଛାଡ଼ି ଦେବ ? ! ଆଉ ବ୍ୟବହାର ଯଦି ନ ଛାଡ଼େ, ଆପଣ କ'ଣ କରିବେ ? ଆପଣ 'ଶୁଦ୍ଧାତ୍ମା' ହିଁ ଅଟନ୍ତି, କିନ୍ତୁ ବ୍ୟବହାର ଛାଡ଼ିଲେ ତ ? ଆପଣ ବ୍ୟବହାରକୁ ଜଟିଳ କରି ଚାଲିଛନ୍ତି । ଶୀଘ୍ର ସମାଧାନ କରିନିଅନା ?

ଏହି ଭାଇକୁ ଯଦି କୁହାଯାଏ, 'ଯା, ଦୋକାନରୁ ଆଇସ୍କ୍ରୀମ ନେଇ ଆସେ।' କିନ୍ତୁ ସେ ଅଧା ରାସ୍ତାରୁ ଫେରି ଆସେ। ମୁଁ ପଚାରିଲେ, 'କାହିଁକି ?' ତେବେ ସେ କୁହେ, 'ରାସ୍ତାରେ ଗଧକୁ ଦେଖିଲି, ଅଶୁଭ ହୋଇଗଲା !' ଏବେ, ତା'କୁ ଏହିପରି ଓଲଟା ଜ୍ଞାନ ହୋଇଯାଇଛି, ତାହା ଆମକୁ ବାହାର କରିଦେବା ଉଚିତ୍ ନା ? ତା'କୁ ବୁଝାଇବା ଦରକାର ଯେ, 'ଭାଇ, ଗଧ ଭିତରେ ମଧ୍ୟ ଭଗବାନ ବିରାଜିତ, ଏଥିପାଇଁ ଅଶୁଭ ବୋଲି କିଛି ନାହିଁ । ତୁ ଗଧକୁ ତିରସ୍କାର କଲେ ତାହା ଗଧ ମଧ୍ୟରେ ବିରାଜିତ ଭଗବାନଙ୍କ ନିକଟରେ ପହଞ୍ଚିଯିବ । ତୋତେ ଏହାର ଭାରୀ ଦୋଷ ଲାଗିବ । ପୁନର୍ବାର ଏପରି ହେବା ଉଚିତ ନୁହେଁ ।' ଏହିପରି ଓଲଟା ଜ୍ଞାନ ହୋଇଛି, ସେହି କାରଣରୁ ଲୋକମାନେ ଏଡ଼ଜଷ୍ଟ ହୋଇ ପାରନ୍ତି ନାହିଁ ।

## ଓଲଟାକୁ ସିଧା କରାଏ, ସିଏ ସମକିତୀ

ସମକିତୀକୁ ଚିହ୍ନିବା କିପରି ? ତେବେ କୁହେ କି, ଘରର ସବୁଲୋକ କିଛି ଓଲଟା କରିଦେଲେ, ତଥାପି ସିଏ ଠିକ୍ କରିଦିଏ। ପ୍ରତ୍ୟେକ କଥାରେ ସିଧା ହିଁ କରିବା, ଏହା ସମକିତୀର ଲକ୍ଷଣ । ମୁଁ ଏହି ସଂସାରର ବହୁତ ସୂକ୍ଷ୍ମ ଅନ୍ୱେଷଣ କରିଛି। ଅନ୍ତିମ ପ୍ରକାରର ଅନ୍ୱେଷଣ ପରେ ମୁଁ ଏହି ସବୁ କଥା କହୁଛି। ବ୍ୟବହାର କିପରି ହେବା ଉଚିତ, ତାହା କହିଥାଏ ଏବଂ ମୋକ୍ଷ ପ୍ରାପ୍ତିର ମାର୍ଗ ମଧ୍ୟ ଦେଇଥାଏ। ଆପଣଙ୍କର ବାଧାବିଘ୍ନ କିପରି କମ୍ ହେବ, ଏହା ମୋର ହେତୁ ଅଟେ।

ଆମର କଥା, ସମ୍ମୁଖ ବ୍ୟକ୍ତିକୁ 'ଏଡ଼ଜଷ୍ଟ' ହେବା ହିଁ ଦରକାର। ଆମ କଥା ସମ୍ମୁଖ ବ୍ୟକ୍ତିକୁ 'ଏଡ଼ଜଷ୍ଟ' ନ ହେଲେ ତାହା ଆମର ହିଁ ଭୂଲ୍ । ନିଜର ଭୂଲ୍ ସୁଧାରିନେଲେ 'ଏଡ଼ଜଷ୍ଟ' ହୋଇଯିବ। ବିତରାଗୀମାନଙ୍କ ବାର୍ତ୍ତା 'ଏଭ୍ରିହ୍ୱେୟାର ଏଡ଼ଜଷ୍ଟମେଣ୍ଟ'ର ଅଟେ।

**ପ୍ରଶ୍ନକର୍ତ୍ତା :** ଦାଦାଜୀ, ଏହି ଯେଉଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ଆପଣ କହିଲେ, ତାହା ଦ୍ୱାରା ତ' ଯେକୌଣସି ଜଟିଳ ଲୋକ ସହିତ ମଧ୍ୟ ସମାଧାନ ହୋଇପାରିବ।

**ଦାଦାଶ୍ରୀ :** ସବୁ ସମସ୍ୟାର ସମାଧାନ ହୋଇଯାଏ । ମୋର ଏହି ଯେଉଁ ଗୋଟିଏ-ଗୋଟିଏ ଶବ୍ଦ, ତାହା ସମସ୍ତଙ୍କର ଶୀଘ୍ର ସମାଧାନ କରିଥାଏ। ତାହା ସିଧା ମୋକ୍ଷ ପର୍ଯ୍ୟନ୍ତ ନେଇଯିବ । ଏଥିପାଇଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' !

**ପ୍ରଶ୍ନକର୍ତ୍ତା :** ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁଠି ଭଲ ଲାଗୁଥିଲା, ସେଠାରେ ସମସ୍ତେ ଏଡ଼ଜଷ୍ଟ ହୋଇଯାଉଥିଲେ କିନ୍ତୁ ଆପଣଙ୍କ କଥାରୁ ଏପରି ଲାଗୁଛି ଯେ ଯେଉଁଠାରେ ଭଲ ଲାଗୁନାହିଁ, ସେହିଠାରେ ପ୍ରଥମେ ଏଡ଼ଜଷ୍ଟ ହୋଇଯିବା ଉଚିତ୍ ।

**ଦାଦାଶ୍ରୀ :** 'ଏଭ୍ରିହ୍ୱେୟାର ଏଡ଼ଜଷ୍ଟ' ହେବାର ଅଛି।

## ଦାଦାଜୀଙ୍କର ଅଦ୍ଭୁତ ବିଜ୍ଞାନ !

**ପ୍ରଶ୍ନକର୍ତ୍ତା :** 'ଏଡ଼ଜଷ୍ଟମେଣ୍ଟ' ର ଯେଉଁ କଥା, ତା' ପଛରେ କ'ଣ ଭାବ ଅଛି ? ପୁଣି କେଉଁ ପର୍ଯ୍ୟନ୍ତ 'ଏଡ଼ଜଷ୍ଟମେଣ୍ଟ' ନେବା ଉଚିତ ?

**ଦାଦାଶ୍ରୀ :** ଭାବ ହେଉଛି ଶାନ୍ତିର, ହେତୁ ଶାନ୍ତିର ଅଟେ। ଅଶାନ୍ତି ସୃଷ୍ଟି ନ ହେବା ପାଇଁ ଏହା ହେଉଛି ଏକ ସୂତ୍ର। 'ଦାଦାଜୀ'ଙ୍କର 'ଏଡ଼ଜଷ୍ଟମେଣ୍ଟ'ର ଏହା ବିଜ୍ଞାନ ଅଟେ। ଆଶ୍ଚର୍ଯ୍ୟ ପ୍ରକାରର ଏହି 'ଏଡ଼ଜଷ୍ଟମେଣ୍ଟ' ଅଟେ । ଆଉ ଯେଉଁଠି 'ଏଡ଼ଜଷ୍ଟ' ହୁଅନ୍ତି ନାହିଁ, ସେଠାରେ ଆପଣ ତାହାର ସ୍ୱାଦ ତ ଚାଖିଥିବେ ନା ? ! 'ଡ଼ିସ୍-ଏଡ଼ଜଷ୍ଟମେଣ୍ଟ' ହିଁ ମୂର୍ଖତା ଅଟେ । 'ଏଡ଼ଜଷ୍ଟମେଣ୍ଟ'କୁ ମୁଁ ନ୍ୟାୟ କୁହେ। ଆଗ୍ରହ-ଦୁରାଗ୍ରହକୁ ନ୍ୟାୟ କୁହାଯାଏ ନାହିଁ । କୌଣସି ପ୍ରକାରର ଆଗ୍ରହ,

ତାହା ନ୍ୟାୟ ନୁହେଁ । ମୁଁ  କୌଣସି କଥାକୁ ଧରି ବସେ ନାହିଁ । ଯେଉଁ ପାଣିରେ ମୁଗ ସିଝେ, ସେଥିରେ ସିଝାଇନିଏ । ଏପରିକି ଗଟର୍‌ର (ମଇଳା) ପାଣିରେ ମଧ୍ୟ ସିଝାଇନିଏ !

ଏ ପର୍ଯ୍ୟନ୍ତ ଜଣେ ହେଲେ ବ୍ୟକ୍ତି ମୋ ସହିତ ଡ଼ିସ୍-ଏଡ଼ଜଷ୍ଟ ହୋଇ ନାହାଁନ୍ତି । ଆଉ ଏହି ଲୋକମାନେ ତ ଘରେ ଥିବା ଚାରିଜଣ ସଦସ୍ୟଙ୍କ ସହିତ ଏଡ଼ଜଷ୍ଟ ହୋଇ ପାରୁ ନାହାନ୍ତି। ଏହି ଏଡ଼ଜଷ୍ଟ ହେବା ଆସିବ କି ନାହିଁ ? ଏପରି ହୋଇ ପାରିବ କି ନାହିଁ ? ଆମେ ଯେପରି ଦେଖୁ ସେପରି ତ ଶିଖି ଯାଉ ନା ? ଏହି ସଂସାରର ନିୟମ ଏପରିକି ଯେପରି ଆପଣ ଦେଖିବେ ସେତିକି ତ' ଆପଣଙ୍କୁ ଆସିଯିବ। ସେଥିରେ କିଛି ଶିଖିବା ପରି ନ ଥାଏ । କ'ଣ ଆସିବ କି ନାହିଁ ? ଯଦି ମୁଁ କେବଳ ଆପଣଙ୍କୁ ଉପଦେଶ ଦେଉଥିବି, ତେବେ ଆପଣ ଶିଖି ପାରିବେ ନାହିଁ, କିନ୍ତୁ ମୋର ଆଚରଣ ଆପଣ ଦେଖିବେ ତ ସହଜରେ ତାହା ଆପଣଙ୍କୁ ଆସିଯିବ ।

ଏଠି ଘରେ 'ଏଡ଼ଜଷ୍ଟ' ହେବା ଆସୁ ନାହିଁ ଆଉ ଆତ୍ମଜ୍ଞାନର ଶାସ୍ତ୍ର ଅଧ୍ୟୟନ କରିବାକୁ ବସିଥାଆନ୍ତି ! ଛାଡ଼ ନା ! ପ୍ରଥମେ 'ଏହା' ଶିଖ ! ଘରେ ତ 'ଏଡ଼ଜଷ୍ଟ' ହେବା ଆସୁନାହିଁ । ଏପରି ଏହି ସଂସାର ।

ସଂସାରରେ ଆଉ କିଛି ନ ଆସିଲେ ମଧ୍ୟ କିଛି ଅସୁବିଧା ନାହିଁ । କାମ ଧନ୍ଦା କରିବାକୁ କମ୍ ଆସୁଥିଲେ ମଧ୍ୟ କିଛି ଅସୁବିଧା ନାହିଁ, କିନ୍ତୁ ଏଡ଼ଜଷ୍ଟ ହେବା ଆସୁଥିବା ଦରକାର । ଅର୍ଥାତ୍, ବସ୍ତୁସ୍ଥିତିରେ ଏଡ଼ଜଷ୍ଟ ହେବା ଶିଖିବା ଉଚିତ୍। ଏହି ଯୁଗରେ ଏଡ଼ଜଷ୍ଟ ହେବା ନ ଶିଖିଲେ ତୁମେ ଦୁଃଖ ଭୋଗିବ। ଏଥିପାଇଁ 'ଏଡ଼ଜଷ୍ଟ ଏଭ୍ରିହ୍ୱେୟାର' ହୋଇ କାମ (ମୋକ୍ଷ) ହାସଲ କରିନେବା ଉଚିତ।

- ଜୟ ସଚ୍ଚିଦାନନ୍ଦ

# ଯୋଗାଯୋଗ :
## ଦାଦା ଭଗବାନ ପରିବାର

**ଗୁଜୁରାଟ** : ଅଡ଼ାଲଜ ତ୍ରିମନ୍ଦିର - (୦୭୯) ୩୯୮୩୦୧୦୦
ରାଜକୋଟ ତ୍ରିମନ୍ଦିର - ୯୨୭୪୧୧୧୩୯୩
ଭୁଜ୍ ତ୍ରିମନ୍ଦିର - (୦୨୮୩୨) ୨୯୦୧୨୩
ଗୋଦ୍ରା ତ୍ରିମନ୍ଦିର - (୦୨୬୭୨) ୨୬୨୩୦୦
ମୋର୍‌ବି ତ୍ରିମନ୍ଦିର - (୦୨୮୨୨) ୨୯୭୦୯୭
ଅମ୍‌ରେଲି ତ୍ରିମନ୍ଦିର - ୯୯୨୪୩୪୪୪୬୦
ସୁରେନ୍ଦ୍ରନଗର ତ୍ରିମନ୍ଦିର - ୯୮୭୯୨୩୨୮୭୭

**ଓଡ଼ିଶା** : କଟକ - ୮୭୬୩୦୯୦୦୪୨
ଭୁବନେଶ୍ୱର - ୮୨୭୦୩୧୧୯୬୧
ପାରାଦ୍ୱୀପ - ୯୦୯୦୨୭୬୨୦୪
ସମ୍ବଲପୁର - ୯୬୬୮୧୫୯୯୮୭
ବାଲେଶ୍ୱର - ୯୬୫୮୫୫୯୫୫୯
ପୁରୀ - ୯୮୬୧୪୭୦୮୧୬
ବ୍ରହ୍ମପୁର - ୯୮୫୩୩୩୩୩୫୫

**ମୁମ୍ବାଇ** : ୯୩୨୩୫୨୮୯୦୧
**କୋଲକତା** : ୦୩୩-୩୨୯୩୩୮୮୫
**ଜୟପୁର** : ୯୩୫୧୪୦୮୨୮୫
**ଇନ୍ଦୋର** : ୯୮୯୩୫୪୫୩୫୧
**ରାୟପୁର** : ୯୩୨୯୫୨୩୭୩୭
**ପଟନା** : ୯୪୩୧୦୧୫୬୦୧
**ଦିଲ୍ଲୀ** : ୯୮୧୦୦୯୮୫୬୪

**ବାଙ୍ଗାଲୋର** : ୯୫୯୦୯୭୯୦୯୯
**ଜଲନ୍ଧର** : ୯୮୧୪୦୬୩୦୪୩
**ହାଇଦ୍ରାବାଦ** : ୯୯୮୯୮୭୭୭୮୬
**ଅମରାବତୀ** : ୯୪୨୨୯୧୫୦୬୪
**ଭିଲାଇ** : ୯୮୨୭୪୮୧୩୩୬
**ଜବଲପୁର** : ୯୪୨୫୧୬୦୪୨୮
**ଭୋପାଲ୍** : ୯୪୨୫୦୨୪୪୦୫

**ଚେନ୍ନାଇ** : (୦୪୪)୮୯୧୯୩୬୯, ୮୯୧୯୨୫୩

| | | |
|---|---|---|
| UK | : | +44 330111 DADA(3232) |
| Kenya | : | +254 722 722 063 |
| Australia | : | +61 421127947 |
| UAE | : | +971 557316937 |
| Singapore | : | +65 81129229 |
| New Zealand | : | +64 21 0376434 |
| Germany | : | +49 700 32327474 |
| USA-Canada | : | Dada Bhagwan Vignan Institute<br>+1 877505 DADA (3232)<br>Email : info@us.dadabhagwan.org |

**www.dadabhagwan.org**
Website for Newcomers

**satsang.dadabhagwan.org**
Website for Followers

**dadabhagwan.tv & dadabhagwan.fm**
Watch Video & Listen Audio

**kids.dadabhagwan.org**
Kids websites (3-12 years)

**youth.dadabhagwan.org**
Youth Website (13-21 years)

**store.dadabhagwan.org**
Online Purchase store

**Email :** info@dadabhagwan.org

# ଏଡ଼ଜଷ୍ଟ ଏଭ୍ରିହ୍ୱେୟାର୍

ସଂସାରରେ ଯଦି ଆଉ କିଛି ନ ଆସେ, ତେବେ ସେଥିରେ କୌଣସି ଅସୁବିଧା ନାହିଁ । କିନ୍ତୁ 'ଏଡ଼ଜଷ୍ଟ' ହେବା ତ ଆସିବା ହିଁ ଦରକାର । ସାମ୍ନାବାଲା 'ଡ଼ିସ-ଏଡ଼ଜିଷ୍ଟ' ହେଉଥାଉ, ଏବଂ ଆମକୁ ଏଡ଼ଜଷ୍ଟ ହେବା ଆସେ, ତେବେ ଆମକୁ କୌଣସି ଦୁଃଖ ହିଁ ହେବ ନାହିଁ । ସେଥିପାଇଁ 'ଏଡ଼ଜଷ୍ଟମେଣ୍ଟ' ହେବା, ତାହା ସବୁଠାରୁ ବଡ଼ ଧର୍ମ ଅଟେ । ଏହି ଯୁଗରେ ତ ସମସ୍ତଙ୍କର ଭିନ୍ନ ଭିନ୍ନ ପ୍ରକୃତି, ସେଥିପାଇଁ 'ଏଡ଼ଜଷ୍ଟ' ନ ହେଲେ କିପରି ଚଳିବ ?

ମୁଁ ଏହି ସଂସାରର ବହୁତ ସୂକ୍ଷ୍ମ ଆବିଷ୍କାର କରିଛି । ଅନ୍ତିମ ପ୍ରକାରର ଆବିଷ୍କାର କଲାପରେ ମୁଁ ଏହିସବୁ କଥା ଆପଣଙ୍କୁ କହୁଛି । ବ୍ୟବହାରରେ କିପରି ରହିବା ଉଚିତ୍, ତାହା ବୁଝାଇଥାଏ ଆଉ ମୋକ୍ଷ କିପରି ପ୍ରାପ୍ତ କରିବା, ତାହା ମଧ୍ୟ କହିଥାଏ । ଆପଣଙ୍କ ଅସୁବିଧା କିପରି କମ୍ ହେବ, ଏହା ମୋର ଧ୍ୟେୟ ଅଟେ ।

-ଦାଦାଶ୍ରୀ

ISBN 978-93-85912-09-2

Printed in India

MRP ₹10

dadabhagwan.org